## ୫୦ୟୁନିଟ ରକ୍ତ ସଂଗ୍ରହ

ବୈଶିଙ୍ଗା,(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟରେ ଶୁକ୍ରବାର ବେତନଟୀ ବ୍ଲକ ବିଜୁ ଛାତ୍ର ଜନତା ଦଳ ତରଫରୁ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁର ମିଳିତ ଆୟୋଜନରେ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ମମତା ସାହୁ ଶିବିରକୁ ଉଦ୍ଘାଟନ କରିଥିଲେ। ଜୀବନ ବିନ୍ଦୁ ଜିଲା ସଂଯୋଜକ ତଥା କୃଷିଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲା ପରିଷଦ ସଭ୍ୟ ବିଶନାଥ ହେମ୍ବ୍ରମ, ରାଜେଶ ନାୟକ, ସାମାଜିକ କର୍ମୀ ଲଲାଟେନ୍ଦୁ ବେହେରା, ବିକାଶ ସେଠୀ, ଯାମିନି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଡିସିଆଲ ହବ୍ ପ୍ରତିଷ୍ଠା ନାମରେ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

ଖଇରା, ୧୩।୧୦(ଉତ୍କଳବନ୍ଧୁ ପଣ୍ଡା)

ପ୍ରତ୍ୟେକ ଜିଲାରେ ଜିଲାସ୍ତରୀୟ ଜୁଡିସିଆଲ ହବ ନିର୍ମାଣ ପାଇଁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ଏବଂ କେନ୍ଦ୍ର ସରକାର ଅନୁମୋଦନ କରିବା ପରେ ବାଲେଶ୍ୱର ଜିଲାରେ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି । ହେଲେ ବର୍ତ୍ତମାନ ଜିଲା କୋର୍ଟ ଚାଲିଥିବା କଚେରୀ ହତାରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମସୁଧା ଚାଲିଛି । ଖଇରା ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଅଞ୍ଚଳବାସୀ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛନ୍ତି । କୋର୍ଟ ଅନ୍ୟତ୍ର ସ୍ଥାନାନ୍ତର ହେଲେ ଦୂରଦୂରାନ୍ତରୁ ଆସୁଥିବା ଗରିବ ଶ୍ରେଣୀର ବ୍ୟକ୍ତିମାନେ ଖର୍ଚ୍ଚାନ୍ତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେବେ। ସାମାଜିକ କର୍ମୀ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଖଇରା ଅଞ୍ଚଳର ବିଭିନ୍ନ ବର୍ଗ ଓ ସମ୍ପ୍ରଦାୟର ବ୍ୟକ୍ତି ଶୁକ୍ରବାର ଖଇରା ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ଯଦି ୧୫ତାରିଖ ମଧ୍ୟରେ ବର୍ତ୍ତମାନ କଚେରୀ ହତା ମଧ୍ୟରେ ହବ୍ ନିର୍ମାଣ ପାଇଁ ବ୍ୟବସ୍ଥା କରା ନ ଯାଏ ତେବେ ସବୁ ବର୍ଗର ଜନସାଧାରଣ ଗଣ ବିକ୍ଷୋଭ, ଆମରଣ ଅନଶନକୁ ବ୍ୟାପକ କରାଯିବା ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି।

# ଗିରଫ ଡାକ୍ତରଙ୍କ ଶୌଚାଳୟରୁ ମିଳିଲା ୨୦,୫୪୮ ଡଲାର

**ଲାଞ୍ଚ ନେବାବେଳେ ସିବିଆଇ ହାତରେ ଧରାପଡ଼ିଥିଲେ**

- ନଗଦ ୧୭ ଲକ୍ଷ ଟଙ୍କା , ୫ ସମ୍ପତ୍ତିର କାଗଜପତ୍ର ଜବତ
- ଗିରଫ ଡାକ୍ତରଙ୍କୁ କୋର୍ଟରେ ହାଜର କଲା ସିବିଆଇ

ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ ପାରାଦୀପ,(ଶରତ ରାଉତ)/ ସିମୁଳିଆ, ୧୩।୧୦ (ସନ୍ତୋଷ ନାୟକ)



ଜବତ ଡଲାର ଓ ଗିରଫ ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ।

ପୋର୍ଟ ହେଲ୍ଥ ମେଡିକାଲ କ୍ଲିୟରାନ୍ସ ପ୍ରଦାନ ପାଇଁ ଜାହାଜ କ୍ରିଉ ମେମ୍ବର (ନାବିକ)ଙ୍କଠାରୁ ୫୪ ହଜାର ଲାଞ୍ଚ ନେବାବେଳେ ଗିରଫ ହୋଇଥିବା ପାରାଦୀପ ବନ୍ଦରସ୍ଥିତ ପୋର୍ଟ ହେଲ୍ଥ ଅର୍ଗାନାଇଜେଶନ(ପିଏଚ୍ଓ)ର ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ଶୁକ୍ରବାର ସିବିଆଇ ଘନଘନ ଜେରା କରିଛି। ତାଙ୍କ ବିରୋଧରେ ଏକ ମାମଲା ପରେ ମାମଲା ନଂ.ଆର୍ସି୧୦ଏ/୨୩, ଡିକେ ରୁଜୁ କରାଯାଇଛି। ତେବେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜେରା ଭିତରେ ସିବିଆଇ ଅଧିକାରୀମାନେ ତାଙ୍କର ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛନ୍ତି। ଏହି ଆଧାରରେ ସିବିଆଇ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ପାରାଦୀପ ଭୂୟାଁ ଛକରେ ଥିବା ଡା. ପାଣିଗ୍ରାହୀଙ୍କ ଅଫିସ ସମେତ ବାଲେଶ୍ୱର ଓ କଟକରେ ଥିବା ଘରେ ସିବିଆଇ ଚଢ଼ାଉ କରି ଖଟତଳ, ଟେବୁଲ ଡ୍ରୟାର ମଧ୍ୟରୁ ନଗଦ ୧୭ ଲକ୍ଷ ଟଙ୍କା ଓ ଶୌଚାଳୟରୁ ୨୦ ହଜାର ୫୪୮ ଆମେରିକୀୟ ଡଲାର, ଓଡିଶା ଓ ହାଇଦ୍ରାବାଦରେ ଥିବା ୫ଟି ସମ୍ପତ୍ତିର କାଗଜପତ୍ର ଏବଂ କମ୍ପ୍ୟୁଟର ହାର୍ଡଡିସ୍କକୁ ସିବିଆଇ ଅଧିକାରୀମାନେ ଜବତକରି ନେଇଛନ୍ତି। ସେହିପରି ପାରାଦୀପର ଦୁଇଟି ଘରୁ ଲକ୍ଷ ଲକ୍ଷ ଟଙ୍କାର ଦାମୀ ବିଦେଶୀ ମଦ ଓ ସିଗାରେଟ ମିଳିଥିବା ସୂଚନା ମିଳିଛି। ପରେ ଡା. ପାଣିଗ୍ରାହୀଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତେବେ ଏହା ପୂର୍ବରୁ ସିବିଆଇ ଟିମ୍ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲା। ଏହି ସମୟରେ ସେ କୌଣସି ଲାଞ୍ଚ ନେଇନାହାନ୍ତି, ତାଙ୍କୁ ଫସାଇ ଦିଆଯାଇଥିବା ଗଣମାଧ୍ୟମ ଆଗରେ କହିଥିଲେ। ସୂଚନାନୁସାରେ, ଏମିନେନ୍ସ ଶିପିଂ ନାମକ କମ୍ପାନୀର କର୍ମଚାରୀ ଆଲୋକ ରାଉତ ଅକ୍ଟୋବର ୧୦ରେ ପୋର୍ଟ ହେଲ୍ଥ ମେଡିକାଲ କ୍ଲିୟରାନ୍ସ ପାଇଁ ପିଏଚ୍ଓ କାର୍ଯ୍ୟାଳୟକୁ ଯାଇ ଡାକ୍ତର ରାଜେନ୍ଦ୍ର ପାଣିଗ୍ରାହୀଙ୍କୁ ଭେଟିଥିଲେ। ଏଥିପାଇଁ ଡା. ପାଣିଗ୍ରାହୀ ୭୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଆଲୋକ ଅକ୍ଟୋବର ୧୧ରେ ମେଲ୍ ଜରିଆରେ ସିବିଆଇରେ ଅଭିଯୋଗ କରିଥିଲେ। ପରେ ଆଲୋକ ପୁଣିଥରେ ଅର୍ଥାତ୍ ଗୁରୁବାର ପିଏଚ୍ଓ କାର୍ଯ୍ୟାଳୟକୁ ଯାଇ ଡା. ପାଣିଗ୍ରାହୀ ସହ ମୂଲଚାଲ କରି ୫୪ ହଜାର ଟଙ୍କା ଦେଉଥିବାବେଳେ ପୂର୍ବ ଯୋଜନା ମୁତାବକ ସିବଆଇ ଟିମ୍ ସେଠାରେ ଚଢ଼ାଉକରି ତାଙ୍କୁ ରେଡ୍ ହ୍ୟାଣ୍ଡରେ ଧରିଥିଲା। ଏହାପରେ ସିବିଆଇ ଟିମ୍ ତାଙ୍କୁ ହେପାଜତକୁ ଆଣି ମାରାଥନ ଜେରା କରିବା ସହ ବାଲେଶ୍ୱର ଜିଲା ସିମୁଳିଆରେ ଥିବା ବାସଭବନ, ଶ୍ୱଶୁର ଘର, ଭୁବନେଶ୍ୱରସ୍ଥିତ ଘରେ ଚଢ଼ାଉ ଆରମ୍ଭ କରିଥିଲା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା


ସଭାରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ବାରିପଦା, ୧୩।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପୌରାଞ୍ଚଳର ୱାର୍ଡ ନଂ. ୯ ଓ ୨୦ରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଶୁନଗଡିଆ ଅଞ୍ଚଳରୁ ବାହାରି ମଧୁବନଠାରେ ଶେଷ ହୋଇଥିଲା। ଏଥିରେ ଶତାଧିକ ଯୁବ, ଛାତ୍ର ଓ ମହିଳାମାନେ ଯୋଗ ଦେଇଥିଲେ। ସ୍ଥାନୀୟ କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ ଉପ-ନଗରପାଳ ସୀମା ଦାସ ଏବଂ କାଉନସିଲର କୁମାର ମୁଖୀଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲା ପରିଷଦ ଅଧକ୍ଷ ଭାରତୀ ହାଁସଦା, ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଦେବାଶିଷ ମାରାଣ୍ଡି, ମିଶନ ଶକ୍ତି ଜିଲା ସଭାନେତ୍ରୀ ବିଷ୍ଣୁପ୍ରିୟା ଦାସ, ଜିଲା ଯୋଜନା ବୋର୍ଡର ସ୍ୱତନ୍ତ୍ର ସଭ୍ୟ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ଛାତ୍ର ସଭାପତି ସୁନୀଲ ନାୟକ, ବାରିପଦା ପୌରପରିଷଦର ସମସ୍ତ ବିଜେଡି କାଉନସିଲର, ବାରିପଦା ନଗର ସଂଯୋଜକ ନୀରୋଜ ସାହୁ, ପୂର୍ବତନ କାଉନସିଲରଗଣ, ମହିଳା, ଯୁବ ଛାତ୍ର, ବିଜେଡିର ସମସ୍ତ ଆଗଧାଡିର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ପ୍ରାୟ ୨ ହଜାରରୁ ଅଧିକ ଶୁଭେଚ୍ଛୁ ଯୋଗ ଦେଇଥିଲେ ।

## ସାଇବର ସଚେତନତା ରଥକୁ ସ୍ୱାଗତ

ବାହାନଗା, ୧୩।୧୦ (ଅରୂପ୍ କୁମାର ଦାସ)

ରାଜ୍ୟ ସରକାର ଓ ଜିଲା ପୋଲିସର ନିର୍ଦ୍ଦେଶକ୍ରମେ ଗୋପାଳପୁର ଥାନା ଓ ଖନ୍ତାପଡା ଥାନା ଅନୁକୂଲ୍ୟରେ ଗୁରୁବାର, ଶୁକ୍ରବାର ଦୁଇଦିନ ଧରି ୪ଟି ସ୍ଥାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁବାର ଅପରାହ୍ନରେ ସାଇବର ରଥ ଗୋପାଳପୁର ବଜାରରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। ଗୋପାଳପୁର ଥାନା ପକ୍ଷରୁ ବଜାରରେ ସଚେତନତା ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ପରେ ସେଞ୍ଚୁରିଆନ ୟୁନିର୍ଭସିଟି ପରିସରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରା, ଗୋପାଳପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ମିଶ୍ର, ସେଞ୍ଚୁରିଆନ ୟୁନିଭରସିଟିର କାର୍ତ୍ତିକ ମିଶ୍ର, ୟୁନିଭରସିଟିର ଅଧକ୍ଷ ଧ୍ରୁବଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେହିପରି ଶୁକ୍ରବାର ଖନ୍ତାପଡା ଥାନା ପୋଲିସ୍ ଦ୍ୱାରା ବାହାନଗାସ୍ଥିତ ଭେନସ ଇଞ୍ଜିନିୟରିଂ କଲେଜ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ଖନ୍ତାପଡା ହାଇସ୍କୁଲ, ବିସିଇଟି ଇଞ୍ଜିନିୟରିଂ କଲେଜ ପରିସରରେ ସାଇବର ରଥକୁ ସ୍ୱାଗତ କରାଯିବା ସହ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଧାନ, ଏସ୍‌ଡିପିଓ ବେଉରା, ଖନ୍ତାପଡା ଥାନା ଅଧିକାରୀ ବିରଞ୍ଚି ସାହୁ ପ୍ରମୁଖ ଯୋଗଦେଇ ସାଇବର କ୍ରାଇମରେ ସାଧାରଣତଃ ଛାତ୍ରୀଛାତ୍ରମାନେ ଶିକାର ହେଉଛନ୍ତି । ଯେଉଁମାନେ ସାଇବର ଫ୍ରଡ କଲ୍‌ରେ ଶିକାର ହେଉଛନ୍ତି କିମ୍ବା ଆକାଉଣ୍ଟରୁ ଟଙ୍କା ଚାଲିଯାଉଛି ତୁରନ୍ତ କଲ କରି ଜଣାଇବାକୁ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ସ୍ଥାନରେ ଓଡିଶୀ ନୃତ୍ୟ ମାଧ୍ୟମରେ ସଚେତନତା କରାଯାଇଥିଲା ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଆଶା ମଉଳିଲା

**ଔପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ଔପଦା, ୧୩।୧୦(ଧରିତ୍ରୀ ପଣ୍ଡା)




ବିଧାନସଭା ଅଧିବେଶନରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ସ୍ୱାଧୀନତା ପୂର୍ବରୁ ଥିବା ଔପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଁ ପ୍ରଶ୍ନ କରିବା ପରେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତରରେ ଔପଦା ଅଞ୍ଚଳବାସୀଙ୍କର ଆଶା ମଉଳିଯାଇଛି। ନୀଳଗିରି ରାଜା ଅଞ୍ଚଳବାସୀଙ୍କ ପାଇଁ ଔପଦା ବ୍ଲକ ସଦର ମହକୁମାରେ ୧୯୪୨ ମସିହାରୁ ଡାକ୍ତରଖାନା ପ୍ରତିଷ୍ଠା କରିଥିଲେ। ଏହି ଡାକ୍ତରଖାନା ଉପରେ ଔପଦା ବ୍ଲକର ୬ଗୋଟି ପଞ୍ଚାୟତବାସୀଙ୍କ ସମେତ ଏହି ବ୍ଲକକୁ ଲାଗି କରିଥିବା ଖଇରା ବ୍ଲକର କେତେକ ପଞ୍ଚାୟତବାସୀ, ମୟୂରଭଞ୍ଜର କେତେକ ଅଞ୍ଚଳରୁ ମଧ ଲୋକମାନେ ନିର୍ଭର କରିଥାନ୍ତି। ଔପଦା ଡାକ୍ତରଖାନାକୁ ଦୀର୍ଘ ୮୨ବର୍ଷ ବିତିଯାଇଥିବା ବେଳେ ସେହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଯାଇଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଧାରଣା, ଅନଶନ, ଆନ୍ଦୋଳନ, ଧର୍ମଘଟ ବିକ୍ଷୋଭ କରାଯାଇଥିବା ବେଳେ ୨୦୧୩ ଓ ୨୦୧୮ ମସିହାରେ ଡାକ୍ତରଖାନାର ଭିତ୍ତିଭୂମି ସମ୍ପର୍କରେ ତତ୍କାଳୀନ ଏମ୍‌ପି, ବିଧାୟକ, ଜିଲାପାଳ ଓ ସିଡିଏମ୍ଓଙ୍କ ପର୍ଯ୍ୟନ୍ତ ଫିଜିବିଲିଟି ରିପୋର୍ଟ ପ୍ରଦାନ କରାଯାଇଥିବା ଜଣାଯାଇଛି। ଏପରିକି ଔପଦା ବ୍ଲକକୁ ୫-ଟି ସଚିବଙ୍କ ଗସ୍ତ ସମୟରେ ଔପଦା ଅଞ୍ଚଳର କେତେକ ବିଶିଷ୍ଟ ବ୍ୟକ୍ତି ୫-ଟି ସଚିବଙ୍କୁ ସାକ୍ଷାତ କରି ଡାକ୍ତରଖାନା ସମ୍ପର୍କରେ ଆବେଦନ କରିଥିବାରୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପୁନଃ ତଦନ୍ତ କରାଯାଇ ଏହାର ଭିତ୍ତିଭୂମି ସମ୍ପର୍କରେ ସରକାରଙ୍କୁ ତଥ୍ୟ ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ଲୋକସଂଖ୍ୟାଠାରୁ ସମସ୍ତ ଭିତ୍ତିଭୂମି ଥିବା ରିପୋର୍ଟ ଯାଇଥିବା ବେଳେ ସରକାର ଏ ଦିଗରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

## ମେଗା ରକ୍ତଦାନ ଶିବିର




ଚାନ୍ଦବାଲି, ୧୩।୧୦ (କିଶାନ ପାତ୍ର/ ଅଶୋକ କୁମାର ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ମହାବିଦ୍ୟାଳୟ ପକ୍ଷରୁ ୟୁଥ୍ ରେଡ୍‌କ୍ରସ, ଜାତୀୟ ସେବା ଯୋଜନା ଓ ଏନ୍‌ସିସିର ସହଯୋଗରେ ଶୁକ୍ରବାର ଏକ ମେଗା ରକ୍ତଦାନ ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଡ. ନିଲିପ୍ତା ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ମୋଟ ୮୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏନ୍‌ସିସି ଅଫିସର ଶାନ୍ତନୁ ନାୟକ, ଏନ୍ଏସ୍ଏସ୍ ସଂଯୋଜକ ଅମିତାଭ ଭୂୟାଁ ଓ ୟୁଥ୍ ରେଡ୍‌କ୍ରସ ଅଫିସର ଶୁଭେନ୍ଦୁ ବିଶ୍ୱାଳ ପରିଚାଳନା କରିଥିଲେ। ଅଧାପକ ମାୟାଧର ମହାନ୍ତି, ଡ.ତରଣୀସେନ ପଣ୍ଡା, ଆଶିଷ ଶୁଭଦର୍ଶନ ମହାନ୍ତି, ଅସିତ ଜେନା, ନିମାଇଁ ଚରଣ ପତି, ବସନ୍ତ ଦାସ, ରତିକାନ୍ତ ସାହୁ, ଅଭିନାଶ ମଲ୍ଲିକ, ଅଧାପିକା ଗୋରୀପ୍ରିୟା ନାୟକ, ଶୋଭାବିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୀମାରାଣୀ ନାୟକ, ପୁଷ୍ପିତା ସାହୁ, ଇତିଶ୍ରୀ ମହାନ୍ତି, ବର୍ଷାରାଣୀ ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, ନିଲିପ୍ତା ମହାନ୍ତି, ଦେବାଶିଷ ଭୋଇ, ପ୍ରୀତି ମୁଦୁଲି, ଜନ୍ମେଜୟ ମହାଳିକ, କଳିଙ୍ଗ ବେହେରା, ଆରତି ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସାଇବର ସୁରକ୍ଷା ସଚେତନତା ରାଲି

ବୈଶିଙ୍ଗା, ୧୩।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୋଲିସ ପକ୍ଷରୁ ଶୁକ୍ରବାର ସାଇବର ସୁରକ୍ଷା ସମ୍ପର୍କିତ ଏକ ବିଶାଳ ରାଲି ଆୟୋଜନ କରା ଯାଇଥିଲା। ୧୮ ନଂ. ଜାତୀୟ ରାଜପଥର ବୈଶିଙ୍ଗା ବଜାର ବାଇପାସଠାରୁ ଆରମ୍ଭ ହୋଇ ମୁନିଲାଲ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ରାଲି ପରିକ୍ରମା କରିଥିଲା। ପ୍ରାୟ ଏକ ହଜାରରୁ ଅଧିକ ବିଦ୍ୟାର୍ଥୀ ରାଲିରେ ଅଂଶଗ୍ରହଣ କରିଥିଲେ। ଗଡଦେଉଳିଆ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳିକା ପଙ୍କଜିନି ସେଠୀ ମୁଖ୍ୟ ଅତିଥି ରୂପେ ଯୋଗଦେବା ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଡିଜିଟାଲ ଠକେଇ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଏସଡିପିଓ ସୁଦର୍ଶନ ଦାଶ ଓ ଥାନାଧିକାରୀ ତପନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଏସ୍ଆଇ ସୁମନ୍ତ କୁମାର ସେଠୀ , ଭାବଗ୍ରାହୀ ମହାନ୍ତ , ସୌମଲିନୀ ରାଉତ , ବୋଇତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## 'ମୋ ମାଟି, ମୋ ଦେଶ' ଅମୃତ କଳସ ଯାତ୍ରା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରେମୁଣା, ୧୩।୧୦(ରବୀନ୍ଦ୍ର ମହାକୁଡ଼)

ରେମୁଣା ବ୍ଲକରେ 'ମୋ ମାଟି,ମୋ ଦେଶ' ଅମୃତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରେମୁଣା ଏବିଡ଼ିଓ ସଭାପତିତ୍ୱ କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଦିଲ୍ଲୀର କର୍ତ୍ତବ୍ୟ ପଥରେ ହେବାକୁ ଯାଉଥିବା ଶହିଦ ସ୍ମୃତି ଭବନ (ଅମୃତ ବାଟିକା) ପାଇଁ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ଜରିଆରେ ଯେଉଁଭଳି ଭାବେ ଶହିଦ ଯବାନଙ୍କ ଉଦ୍ଦେଶ୍ୟରେ ମାଟି ସଂଗ୍ରହ ଯାଉଛି ସେ ବିଷୟରେ ଆଲୋକପାତ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀଙ୍କର ବିଭିନ୍ନ ଜନହିତକର କାର୍ଯ୍ୟ ତଥା ଦେଶ କେମିତି ସୁଦୃଢ଼ ହେଉଛି ସେ ବିଷୟରେ କହିଥିଲେ। ରେମୁଣା ବିଡ଼ିଓ ସଂଗ୍ରାମ ପରିଡ଼ା, ଏଇଇ ଶରତ କୁମାର ଉପାଧ୍ୟାୟ, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ ସଭାରେ ଉପସ୍ଥିତ ଏସ୍ଏଚ୍‌ଜି, ସିଆର୍‌ପି, ଏମ୍‌ବିକେ, ଭଉଣୀମାନେ ଏବଂ ପିଆର୍‌ଆଇ ମେମ୍ବର ତଥା ଅନ୍ୟ ସମସ୍ତ ପଞ୍ଚାୟତରୁ ଆସିଥିବା ଜନସାଧାରଣଙ୍କୁ ପଞ୍ଚ ସଂକଳ୍ପ ଶପଥ ଗ୍ରହଣ କରାଇଥିଲେ। ଶେଷରେ ରେମୁଣା ତହସିଲଦାର ଅନୁପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ରାଜ୍ୟ ଦଳରେ କେନ୍ଦୁଝରର ୨ ଖେଳାଳି



**କେନ୍ଦୁଝର,୧୩।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ):** ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ କୋଲକାତାଠାରେ ହେବାକୁ ଥିବା ଇଷ୍ଟ ଜୋନ୍ ଆଥ୍‌ଲେଟିକ ମିଟ୍‌ରେ ଭାଗ ନେବାକୁ କେନ୍ଦୁଝର କ୍ରୀଡ଼ା ଛାତ୍ରାବାସର ଦୁଇଜଣ ଛାତ୍ର ଚୟନ ହୋଇଛନ୍ତି। ସେମାନେ ଓଡ଼ିଶା ଟିମ୍‌ରୁ ଖେଳିବେ। ସେମାନେ ହେଲେ ଦଶମ ଶ୍ରେଣୀରେ ପଢୁଥିବା ରିଣ୍ଟୁ ମୁଣ୍ଡା ଓ ଅଷ୍ଟମ ଶ୍ରେଣୀର ସତାରୀ ହୋ। ରିଣ୍ଟୁ ୧୦୦ ମିଟର ଦୌଡ଼ ଓ ରିଲେ ରେସ୍ ଏବଂ ସତାରୀ ଜାଭେଲିନ ଥ୍ରୋରେ ଭାଗ ନେବାକୁ ଚୟନ ହୋଇଥିବା କ୍ରୀଡ଼ା ଛାତ୍ରବାସର କୋଚ୍ ରାଜେନ୍ଦ୍ର କୁମାର ସିଂ କହିଛନ୍ତି। ଶନିବାର ସେମାନେ କଟକ ଯାଇ ସେଠାରୁ କୋଲକାତା ଯିବେ।

### ଯୁବ କଂଗ୍ରେସର ସମ୍ବର୍ଦ୍ଧନା, ସଂକଳ୍ପ ସମାବେଶ

**ଚାନ୍ଦବାଲି, ୧୩।୧୦(କିଶାନ ପାତ୍ର/ଅଶୋକ ପଣ୍ଡା)** ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଶକ୍ତି ପ୍ରଦର୍ଶନ କରିଛି। କଂଗ୍ରେସ ନେତା ଅମିୟ ମହାପାତ୍ର, ସତ୍ୟାନନ୍ଦ ରାଉତ, ଦିଗମ୍ବର ଦାସଙ୍କ ନେତୃତ୍ୱରେ ଧାମରା ଓ ପୀରହାଟରୁ କଂଗ୍ରେସ କର୍ମୀମାନେ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା କରି ଚାନ୍ଦବାଲିରେ ପହଞ୍ଚିଥିଲେ। ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ବ୍ଲକ ସଭାପତି ତ୍ରୈଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଓ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ମଧୁମିତା ସେଠୀ, ଶୁଭେନ୍ଦୁ ରାୟ ମହାପାତ୍ର, ଜିଲା ଯୁବ ସଭାପତି ହେମନ୍ତ ମହାପାତ୍ର, ଯୁବ କଂଗ୍ରେସ ସଭାପତି ଶକ୍ତିପ୍ରତାପ ବିଶ୍ୱାଳ, ପିସିସି ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଆଶିଷ କୁମାର ମାହୁନ୍ତ, ଜିଲା ଯୁବ କଂଗ୍ରେସ ଉପସଭାପତି ବଳରାମ ରାଉତ, ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ଉପସଭାପତି ପ୍ରଫୁଲ ପୃଷ୍ଟି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଦୁର୍ନୀତି ଓ ବିକାଶରେ ବହୁ ପଛରେ ଥିବା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ଯୁବ କଂଗ୍ରେସ ଲଢ଼େଇ କରିବ ବୋଲି ସେମାନେ କହିଥିଲେ। ଏହିଅବସରରେ ଯୁବ କଂଗ୍ରେସ ସଭାପତି ଶକ୍ତି ପ୍ରତାପ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧ୍ରୁବ ଚାରଣ ବାରିକ, ଶିବାଜୀ ନାୟକ, ନିରଞ୍ଜନ ବେହେରା, ଶରତ ଧଳ, ଏସ୍. କେ. କାଦିର, ସୀତାଂଶୁ ନାୟକ, ସଂଗ୍ରାମ ଦାସ, ଦେବାଶିଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ‘ଧୁମ୍‌ଧାମରେ ପାଳନ ହେବ ଆଖଡ଼ା ଯାତ୍ରା’

**ବାଲେଶ୍ୱର, ୧୩।୧୦(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ମିଶନ ପଡ଼ିଆ ସମ୍ମୁଖସ୍ଥ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଜିଲା ଯାଦବ (ଗୋପାଳ) ମହାସଭା ବାଲେଶ୍ୱର ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଚାରପତି ଭାଗିରଥ ବାରିକ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ଜିଲାର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ଚଳିତବର୍ଷ ମଧ୍ୟ ଆଖଡ଼ା ଯାତ୍ରାକୁ ଧୁମ୍‌ଧାମ୍‌ରେ ପାଳନ କରାଯିବା ନେଇ ସୂଚନା ଦିଆଯାଇଥିଲା। ଜିଲାର ଏକମାତ୍ର ପଞ୍ଜିକୃତ ଯାଦବ (ଗୋପାଳ) ସଙ୍ଗଠନ ଆଗାମୀ ଦିନରେ ଯାଦବ ତଥା



ଖବରଦାତା ସମ୍ମିଳନୀରେ ଜିଲା ଯାଦବ (ଗୋପାଳ) ମହାସଭାର କର୍ମକର୍ତ୍ତା।

ଗୋପାଳ ଜାତିର ସାମ୍ବିଧାନିକ ଉନ୍ନତି ନିମନ୍ତେ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ସହ ନୂତନ ପରିବର୍ଦ୍ଧିତ କମିଟି ଆଗାମୀ ଜିଲା ସମ୍ମିଳନୀରେ ଘୋଷଣା କରାଯିବା ନେଇ ସୂଚନା ଦିଆଯାଇଥିଲା। ଜିଲା ଯାଦବ (ଗୋପାଳ) ମହାସଭା, ବାଲେଶ୍ୱର ତାର ପରବର୍ତ୍ତୀ ରଣକୌଶଳ ସର୍ବଭାରତୀୟସ୍ତରୀୟ ସଂଗଠନ ‘ଅଖିଳ ଭାରତୀୟ ଯାଦବ ମହାସଭା’ ସହ ଅନୁବନ୍ଧିତ ହୋଇ ଆଗକୁ ବଢ଼ିବାର ସୂଚନା ଦିଆଯାଇଛି। ଏଥିସହିତ ଜିଲା ତଥା ଉତ୍ତର ଓଡ଼ିଶାରେ ପ୍ରଥମଥର ପାଇଁ ଏକ ଯାଦବଭବନର ଉଦ୍‌ଘାଟନ ଅଳ୍ପ ଦିନ ମଧ୍ୟରେ ହେବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ସଙ୍ଗଠନର ଯୁବ ସଙ୍ଗଠକ ଇଂ. ରାଜେଶ ମହାକୁଡ଼ଙ୍କୁ ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ କୋଷାଧ୍ୟକ୍ଷ, କୈଳାଶ ବାରିକଙ୍କୁ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଓ ୩୭ନମ୍ବର ଜୋନର ଜିଲା ପରିଷଦ ସଦସ୍ୟା କଲ୍ୟାଣୀ ବାରିକଙ୍କୁ ସଙ୍ଗଠନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

# ‘କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ନ ହେବା ପାଇଁ ଜିଲା ପ୍ରଶାସନ ଦାୟୀ’

**ଭଦ୍ରକ,୧୩।୧୦ (ସନାତନ ରାଉତ)**

୧୯୯୩ରେ ଭଦ୍ରକ ଜିଲା ଗଠନ ହେବାଠାରୁ ଏପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମି ନିର୍ମାଣ ଦିଗରେ କୌଣସି ଆଗ୍ରହ ପ୍ରକାଶ କରାଯାଇ ନାହିଁ। ୨୦୧୦ଠାରୁ ଏପର୍ଯ୍ୟନ୍ତ ଜିଲାସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଜାଗା ନିରୂପଣ କରି ଅର୍ଥ ଯୋଗାଇଦେବାକୁ ରାଜ୍ୟ ସରକାର ଚିଠି ପଠାଇଥିଲେ ମଧ୍ୟ ଜିଲା ପ୍ରଶାସନ ଏହାକୁ ଆଦୌ ଗୁରୁତ୍ୱ ଦେଇନାହିଁ। ୨୦୧୫ ପରେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍‌ସ୍ କମ୍ପ୍ଲେକ୍ସ ପାଇଁ ରାଜ୍ୟ ସରକାର କିଛି ଭିତ୍ତିଭୂମି ନିର୍ମାଣ କରୁଛନ୍ତି, କିନ୍ତୁ ଯେପର୍ଯ୍ୟନ୍ତ ଜିଲା ସଦର ମହକୁମାରେ ଆଉଟଡୋର ଷ୍ଟାଡିୟମର ନିର୍ମାଣ କରାଯାଇ ନାହିଁ, ସେପର୍ଯ୍ୟନ୍ତ ଜିଲାରେ ଖେଳକୁଦ ଓ ଏହା ସହ ଜଡ଼ିତ ସାମାଜିକ, ଅର୍ଥନୈତିକ ବିକାଶ ହୋଇପାରିବ ନାହିଁ ବୋଲି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟମହାପାତ୍ର ପ୍ରକାଶ କରିଛନ୍ତି।

ଶୁକ୍ରବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସରକାର ପ୍ରସ୍ତାବ ଦେବାର ପ୍ରାୟ ୧୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜିଲା ପ୍ରଶାସନ ଜିଲାରେ ଆଉଟ୍‌ଡୋର ଷ୍ଟାଡିୟମ୍ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବାରେ ବିଫଳ ହୋଇଛି। ସ୍ପେଶାଲ ପ୍ଲାନିଂ ଅଥରିଟି କୋରକୋରା ପଞ୍ଚାୟତଠାରେ ୧୫ ଏକର ଜାଗା ରିକ୍ରିଏସନାଲ ଜୋନ୍ ପାଇଁ



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟମହାପାତ୍ର।

ସ୍ଥାନ ନିରୂପଣ କେବଳ କାଗଜ କଲମରେ କରିଥିବାରୁ ଏଥିରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଜିଲାରେ ଦୀର୍ଘବର୍ଷ ଧରି ଜିଲା କ୍ରୀଡ଼ା ଅଧିକାରୀଙ୍କ ପଦବୀ ଫାଙ୍କା ପଡ଼ିରହିଥିବା ବେଳେ ଅଲିମ୍ପିକରେ ଆସୁଥିବା କୌଣସି ଖେଳର ପ୍ରଶିକ୍ଷକ ଏ ଜିଲାକୁ ନ ଆସିନାହାନ୍ତି। ଭଦ୍ରକ ନେହେରୁ ଷ୍ଟାଡିୟମର ଦାୟିତ୍ୱ ଜିଲା ପ୍ରଶାସନ ୩ ବର୍ଷ ଧରି ନେଇସାରିବା ପରେ ମଧ୍ୟ ଏହାର ଉନ୍ନତି ପରିଲକ୍ଷିତ ହେଉନାହିଁ। ବର୍ଷାଦିନେ ଷ୍ଟାଡିୟମ ଜଳାର୍ଣ୍ଣବ ସମସ୍ୟା ସମାଧାନ ହୋଇପାରି ନାହିଁ। ଜିଲାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମିଶାଇ ୧୧ଟି ଷ୍ଟାଡିୟମ ପାଇଁ ଅର୍ଥ ବ୍ୟୟବରାଦ ହୋଇଥିବା ବେଳେ ଭଦ୍ରକ, ଧାମନଗର ଏବଂ ବାସୁଦେବପୁରକୁ ଛାଡ଼ିଦେଲେ ଅର୍ଥର ବାଟମାରଣା ହେତୁ ଅନ୍ୟତ୍ର ଷ୍ଟାଡିୟମର ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହି ପ୍ରମୁଖ ଦାବି ପୂରଣ ନ ହେଲେ ଜିଲା କଂଗ୍ରେସ କମିଟି ପକ୍ଷରୁ ଆଗାମୀ ଦିନରେ ଜିଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ୬୦ ଚାଷୀ ନେଲେ କୃଷି ତାଲିମ




ଦୁଇ ବୈଜ୍ଞାନିକ ଚାଷୀମାନଙ୍କୁ ଏଲସିସି କିଟ୍ ପ୍ରଦାନ କରୁଛନ୍ତି।

**ସିମୁଳିଆ,୧୩।୧୦(ସନ୍ତୋଷ ନାୟକ)**

ଧାନ ଚାଷ ପରେ ପଡିଆ ପଡିଥିବା ଜମିର ସୁପରିଚାଳନା ପାଇଁ ବାଲେଶ୍ୱର ଜିଲା କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତର ସାନମଇତାପୁର ଅଞ୍ଚଳରେ କୃଷକ ତାଲିମ ଶିବର ଅନୁଷ୍ଠିତ ହୋଇଥିଲା । ସିମୁଳିଆ ଏଗ୍ରୋ ଫ୍ରେସ୍ ମହିଳା ଚାଷୀ ସଙ୍ଗଠନର ମୁଖ୍ୟ ଗଜେନ୍ଦ୍ର ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୬୦ଜଣ ଚାଷୀ ଟମାଟୋ, ଲଙ୍କା, ଭେଣ୍ଡି, ବାଇଗଣ ଆଦି ପନିପରିବା ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ପାଇଁ ତାଲିମ ନେଇଥିଲେ। ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଡ. ପ୍ରଭାମଞ୍ଜରୀ ଗିରି ଧାନ ଚାଷ ପରେ ନଡାରେ ନିଆଁ ଲଗାଇବା ଦ୍ୱାରା ଜମିରେ ଥିବା ଉପକାରୀ ଜୀବାଣୁଗୁଡିକ ଗରମରେ ପୋଡି ନଷ୍ଟ ହୋଇଯିବା ଯୋଗୁ ଅମଳ କମିବା ସହିତ ଧୂଆଁରେ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ବିଭିନ୍ନ ଚାରା ଉତ୍ପାଦନ, ଗଛର ଆବଶ୍ୟକତା ଅନୁସାରେ ସନ୍ତୁଳିତ ମାତ୍ରାରେ ସାର ଔଷଧ ପ୍ରୟୋଗ, କୀଟ ଚିହ୍ନଟ ସମ୍ପର୍କରେ ସୂଚନା ଦେଇଥିଲେ । ସେହିପରି କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡ. କମଳାକାନ୍ତ ବେହେରା ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ନିଜର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ କୁକୁଡା, ଛତୁ, ଚାରା ଉତ୍ପାଦନ, ଫୁଲ ଚାଷ ଆଦି ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଗଛର ରଙ୍ଗ ଅନୁସାରେ ଆବଶ୍ୟକ ଖତ ସାର ପ୍ରୟୋଗ ପାଇଁ ୧୦ଜଣ ଚାଷୀଙ୍କୁ ଏଲ୍‌ସିସି କିଟ୍ ପ୍ରଦାନ କରାଯାଇଥିଲା ।

### ମୋ ଦଳର ସାଙ୍ଗଠନିକ ସମ୍ମିଳନୀ

**ପାଟଣା,୧୩।୧୦ (ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ମୋ ଦଳର ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ସାଙ୍ଗଠନିକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରାଜବଲ୍ଲଭ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ଉମାକାନ୍ତ ଭାରତ, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ଜିଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତ, ମହିଳା ମୋର୍ଚ୍ଚା ଜିଲା ସଭାପତି ବିଳାସିନୀ ମହାନ୍ତ, ବିଶ୍ୱ ଆଦିବାସୀ ସଙ୍ଗଠନର ରାଜ୍ୟ ସଭାପତି ସୁଦର୍ଶନ ଲୋହାର ପ୍ରମୁଖ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ମୋ ଦଳ ୧୪୭ ବିଧାନସଭା କ୍ଷେତ୍ର ଓ ୨୧ ସଂସଦୀୟ କ୍ଷେତ୍ରରେ ପ୍ରାର୍ଥୀ ଦେବ ବୋଲି କହିଥିଲେ। ମୁଖ୍ୟଅତିଥି ଉମାକାନ୍ତ କହିଥିଲେ ଯେ, ଆଗାମୀ ନିର୍ବାଚନରେ ଆଶାତୀତ ସଫଳତା ଲାଭ କରିବ। କୃଷକନେତା ରମାକାନ୍ତ ମହାନ୍ତ, ରାଜକିଶୋର ମହାନ୍ତ, ଜିତେନ୍ଦ୍ର ମିଶ୍ର, ସନାତନ ମହାନ୍ତ, ରାଜେନ୍ଦ୍ର ମହାନ୍ତ ପ୍ରମୁଖ ୨ ଶହ ରୁ ଉର୍ଦ୍ଧ କର୍ମ କର୍ତା ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ମହିଳାଙ୍କୁ ସହାୟତା



ଦିବ୍ୟାଙ୍ଗ ମହିଳାଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଉଛି।

**ବାରିପଦା,୧୩।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ବାସିପିଠା ପଞ୍ଚାୟତର ଯୋଡ଼ାବଣି ଗ୍ରାମରେ ଅଣ ରାଜନୈତିକ ସ୍ୱେଚ୍ଛାସେବୀ ସଂଗଠନ ‘ଜାଗ ମୟୂରଭଞ୍ଜ ଜାଗ’ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ଅଞ୍ଚଳର ମହିଳା ପୁରୁଷ ଏକତ୍ରିତ ହୋଇ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଲୋକେ କିପରି ନିଜର ସମସ୍ୟା ନିଜେ ଦୂର କରିପାରିବେ ସେ ବିଷୟରେ ମଧ୍ୟ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଜଣେ ଦିବ୍ୟାଙ୍ଗ ମହିଳା ନିଜର ଦୁଃଖ ଜଣାଇବା ପାଇଁ ଅରୁଣଙ୍କ ପାଖକୁ ଆସିଥିଲେ। ବହୁ ବର୍ଷ ଧରି ଏକ ହୁଇଲ ଚେୟାର ପାଇଁ ସେ ଅନେକଙ୍କୁ ଗୁହାରି କରିଥିଲେ ମଧ୍ୟ କେହି ତାଙ୍କୁ ସହଯୋଗ କରୁ ନ ଥିବା କହିଥିଲେ। ପରେ ତୁରନ୍ତ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଅରୁଣ କଥାବାର୍ତ୍ତା ହୋଇ ଦିବ୍ୟାଙ୍ଗ ମହିଳାଙ୍କୁ ନିଜ ଗାଡ଼ିରେ ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ନେଇ ତାଙ୍କୁ ଗୋଟିଏ ହୁଇଲ ଚେୟାର ପ୍ରଦାନ କରିବା ସହ ତାଙ୍କ ଘରେ ପହଞ୍ଚାଇ ଥିଲେ। ଏପରି କାର୍ଯ୍ୟ ପାଇଁ ଗ୍ରାମବାସୀ ଓ ଦିବ୍ୟାଙ୍ଗ ପରିବାର ଜାଗ ମୟୂରଭଞ୍ଜ ଜାଗ ଓ ଏହାର ଅଧ୍ୟକ୍ଷ ଅରୁଣଙ୍କୁ ପ୍ରଶଂସା କରିଛନ୍ତି। ଏହି ସେବା କାର୍ଯ୍ୟରେ ବ୍ୟାଙ୍କମିତ୍ର ଭାରତୀ ସିଂଙ୍କ ସହିତ ସଂଗଠନର ମହିଳା ଶାଖା ସଭାନେତ୍ରୀ ତପସ୍ୱିନୀ ରଣା, ସାବିତ୍ରୀ ନାୟକ, ଗୌରୀ ନାୟକ, ବାସନ୍ତୀ ବାସ୍କେ, ମେନକା ନାୟକ, ଲକ୍ଷ୍ମୀ ବାସ୍କେ, ସଂଯୁକ୍ତା ନାୟକ ଓ ଜୟନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟରଙ୍କ ବଦଳି

**ବାରିପଦା,୧୩।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ପୋଲିସ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ଥାନାର ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟରମାନଙ୍କୁ ବଦଳି କରାଯାଇଛି।ଜିଲା ଆରକ୍ଷୀ ଅଧିକ୍ଷକ ବି.ଗଙ୍ଗାଧରଙ୍କ ନିର୍ଦ୍ଦେଶକ୍ରମେ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ବାରିପଦା ଟାଉନ ଥାନା ଅଧିକାରୀ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ, ଶୁଳିଆପଦା ଥାନା ସୁମିତ କୁମାର ସୋରେନ, ଶରତ ଥାନା ରମାକାନ୍ତ ପାତ୍ର, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ସୂଚନ୍ଦ୍ରା ମହାଳିକ, କରଞ୍ଜିଆ ଥାନା ନିରୋଦ କୁମାର ମଲ୍ଲିକ, ଯଶିପୁର ଥାନା ସଂଯୁକ୍ତ ମହାଳିକ, ସାଇବର ଥାନା ପ୍ରଭୁକଲ୍ୟାଣ ଆଚାର୍ଯ୍ୟ, କୁଳିଅଣା ଥାନା ଶୋଭାକର ଜେନା, ଚାନ୍ଦୁଆ ଥାନା କମୋଦ ବାଗ, ବାଦାମପାହାଡ଼ ଥାନା କାମାକ୍ଷା କମଳାକାନ୍ତ ହେମ୍ବ୍ରମ, ଜାମଦା ଥାନା ମିନତୀ ନାଏକ, ରରୁଆଁ ଥାନା ସୁମନ୍ତ ସେଠି, ଠାକୁରମୁଣ୍ଡା ଥାନାକୁ ସାବିତ୍ରୀ ଦଳେଇ, ଏଚ୍‌ଆରପିସି ଇନ୍ସପେକ୍ଟର ଭାବେ ଉମା ଶଙ୍କର ନାୟକ, ଜିଲା ମୁଖ୍ୟାଳୟକୁ ଯଶିପୁର ଥାନା ଅଧିକାରୀ ବିମଳ ନାୟକ, ଡିସିଆରବି ଇନ୍ସପେକ୍ଟର ଭାବେ ଜୀବନ ନାୟକ, କ୍ରାଇମ୍ ସେଲକୁ ସୌମ୍ୟଜିତ ମିଶ୍ର, ଆଇଏଏଚ୍‌ଟିୟୁର ଇନ୍ସପେକ୍ଟର ଭାବେ ରଶ୍ମିରେଖା ମହାଳିକଙ୍କ ବଦଳି ହୋଇଛି। ସେହିପରି ୩୧ଜଣ ସବ୍ ଇନ୍ସପେକ୍ଟର ଏବଂ ଏଏସ୍‌ଆଇମାନଙ୍କୁ ଜିଲାର ବିଭିନ୍ନ ଥାନା, ଆଉଟପୋଷ୍ଟ, ଟ୍ରାଫିକ ଆଉଟ ପୋଷ୍ଟ, ବିଟ୍ ହାଉସ, ମୁଖ୍ୟାଳୟ, ଡିଆଇବିଙ୍କୁ ବଦଳି କରାଯାଇଛି। ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଜାରି କରିଛନ୍ତି।

### ଗୁଟ୍‌ଖା ବିକ୍ରି ଗଣିଲେ ଜରିମାନା

**ଚମ୍ପୁଆ ୧୩।୧୦ (ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଶୁକ୍ରବାର ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍ ମିଳିତ ଭାବେ ଚଢ଼ାଉ କରି ଗୁଟ୍‌ଖା ବିକ୍ରେତାଙ୍କଠାରୁ ଫାଇନ ଆଦାୟ କରିଛନ୍ତି। ଗୁଟ୍‌ଖା ବିକ୍ରି କରୁଥିବା ୨୫ରୁ ଊର୍ଦ୍ଧ୍ୱ ଦୋକାନରେ ଚଢ଼ାଉ କରାଯାଇଛି। ଦୋକାନୀମାନଙ୍କଠାରୁ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଟୋବାକୋ କଣ୍ଟ୍ରୋଲର ସୁଜାତା ରାଣୀ, ଏସ୍‌ଡିଏମ୍‌ଓ ଉମାକାନ୍ତ ସାହୁ, ଅବକାରୀ ଓ ପୋଲିସ ଟିମ୍ ଚଢ଼ାଉ କରିଥିଲେ। ଦିନକୁଦିନ ଗୁଟ୍‌ଖା କ୍ୟାନ୍‌ସରର କାରଣ ହୋଇଥିବା ବେଳେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟ ବୋଲି ଏସ୍‌ଡିଏମ୍‌ଓ ପ୍ରକାଶ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

**ଯୋଡା,୧୩।୧୦(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବିଲେଇପଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାମେବାରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ଶିଶୁ ବାଟିକା ପ୍ରମୁଖ ରାଜୀବ ଲୋଚନ ନାଏକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଶିଶୁଙ୍କ ବିକାଶରେ ମା’ର ଭୂମିକା ସମ୍ପର୍କରେ ଉପସ୍ଥିତ ମାତୃମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ମା’ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଖେଳ, ପ୍ରଦର୍ଶନୀ ଓ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଲୀନା ମଲ୍ଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ସୁନୀତା ଲୋହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିତ୍ୟାନନ୍ଦ ଗିରି, ସଂଯୋଜକ ଗୋପୀନାଥ ଗୋପଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ମା’ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



କର୍ମଶାଳାରେ ଅଂଶଗ୍ରହଣ କରିଥିବା ମା’ ମାନେ।

# ସମବାୟ ସମିତି ଆଗରେ ଗଣଧାରଣା




ପଧାନପଡ଼ା ସେବା ସମବାୟ ସମିତି ଆଗରେ କୃଷକମାନେ ଧାରଣା ଦେଇଛନ୍ତି।

**ବନ୍ତ,୧୩।୧୦(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ସେବା ସମବାୟ ସମିତି ଆଗରେ ଶୁକ୍ରବାର ଅଖିଳ ଭାରତ କୃଷକ ସଭା ବନ୍ତ ବ୍ଲକ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ନିଳୋକ ବଜାରଠାରୁ କୃଷକ ସଭାର କର୍ମୀମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସମିତିଠାରେ ପହଞ୍ଚି ଗଣଧାରଣାରେ ବସିଥିଲେ। କୃଷକ ନେତା ସୁବାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃଷକ ସଭାର ବ୍ଲକ ସଭାପତି ଫକୀର ଚରଣ ବିଶ୍ୱାଳ, ବାବାଜୀ ଚରଣ ଜେନା, ନିରଞ୍ଜନ ନାୟକ, କିଶୋର ଚନ୍ଦ୍ର ବେହେରା, ରମେଶ ଜେନା, ସମିତିସଭ୍ୟ ପରମେଶ୍ୱର ବାରିକ, ଅନିରୁଦ୍ଧ ଜେନା, ଭାସ୍କର ଚନ୍ଦ୍ର ବେହେରା, ଦୁଲ୍ଲା ଖାଁ, ନୃସିଂହ ଚରଣ ପରିଡ଼ା ଯୋଗଦେଇ ଚାଷୀ ବିରୋଧୀ ନୀତିକୁ କେନ୍ଦ୍ର ଓ ରାଜ୍ୟ ସରକାର ପରିହାର କରିବା ନେଇ ବକ୍ତବ୍ୟ ରଖିଥିଲେ। ଏଥିସହ ଓଡ଼ିଶା ସରକାର କେନ୍ଦ୍ରର ପ୍ରସ୍ତାବିତ ସମବାୟ ଆଇନକୁ କାର୍ଯ୍ୟକାରୀ ନ କରିବା ପାଇଁ କୃଷକ ନେତାମାନେ ଦାବି କରିଥିଲେ। ପରେ କେନ୍ଦ୍ର ସରକାର ପ୍ରସ୍ତାବିତ କୃଷକ ବିରୋଧୀ ସେବା ସମବାୟ ସମିତି ଆଇନ ପରିହାର କରିବା, ସ୍ୱାମୀନାଥନ କମିଶନ କାର୍ଯ୍ୟକାରୀ, ଧାନ କୁଇଣ୍ଟାଲ ୩୫ ଶହ ଟଙ୍କା ଧାର୍ଯ୍ୟ, ଭାଗ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦେବା, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଆଦି ୧୨ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଅଭିମନ୍ୟୁ ଜେନା, ବିଷ୍ଣୁ ଚରଣ ଜେନା, ପଞ୍ଚାନନ ସେଠୀ, ପୀତବାସ ସେଠୀ, ଫକିରୁଦ୍ଦିନ୍ ଖାଁ, କମଳାକାନ୍ତ ଜେନା, ସୁଧାଂଶୁ ଶେଖର ସେଠୀ, ଯୁଧିଷ୍ଠିର ଜେନା, ଶତ୍ରୁଘ୍ନ ସେନାପତି, କୃଷ୍ଣଚନ୍ଦ୍ର ରାଉତ, ଅରବିନ୍ଦ ବିଶ୍ୱାଳ ପ୍ରମୁଖ ଗଣଧାରଣାରେ ସାମିଲ ଥିଲେ।

# ଶିକ୍ଷକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଖଇରା, ୧୩।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଖଇରା ଶାଖାର ଏକ କାର୍ଯ୍ୟାଳୟ ଶୁକ୍ରବାର ସନ୍ଧ୍ୟାରେ ଖଇରା ବଜାର ଗ୍ୟାସ ଅଫିସ ଛକରେ ଉଦ୍‌ଘାଟିତ ହୋଇଯାଇଛି। ସଂଘର ପ୍ରାକ୍ତନ ଜିଲା ଉପସଭାପତି ଭରତ ଚନ୍ଦ୍ର ଦାସ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ । ଉପଦେଷ୍ଟା ଭାବେ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡା, ରମେଶ ଚନ୍ଦ୍ର ପୁହାଣ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ନାୟକ ଓ ବୁଦ୍ଧିରାମ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ଓଷ୍ଟା ମଣ୍ଡଳର ନବନିଯୁକ୍ତ ବ୍ଲକ ସଭାପତି ବ୍ରହ୍ମାନନ୍ଦ ସାହୁ, ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ଉପସଭାପତି ଭରତ ଚନ୍ଦ୍ର ସାହୁ ଓ ପାର୍ବତୀ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ହୋତା, ସୁକାନ୍ତି ପଣ୍ଡା ଓ ଶୁକଦେବ ମହାଳିକ, ରାଜେଶ କୁମାର ମିଶ୍ର, ମହେନ୍ଦ୍ର କୁମାର ଜେନା ବିଭିନ୍ନ ହାଇସ୍କୁଲର ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଓଷ୍ଟା କାର୍ଯ୍ୟାଳୟ ଉଦ୍‌ଘାଟନରେ ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଅକ୍ଟୋବର ୨୦୨୩



## ଆଜି କ'ଣ କେଉଁଠି

ବାଲେଶ୍ୱର

- ସାଇନାପ୍ସ-୨୦୨୩, ସ୍ଥାନ:ଏସ୍‌ଟି. ଭିନ୍‌ସେଣ୍ଟସ କନଭେଣ୍ଟ ସ୍କୁଲ, ସମୟ: ପୂର୍ବାହ୍ନ ୯ଟା।
- ଜୁଡ଼ିସିଆଲ୍ ହବ୍ କ୍ରିୟାନୁଷ୍ଠାନ କମିଟି, ବାଲେଶ୍ୱର ପକ୍ଷରୁ ଅଲୋଚନାଚକ୍ର, ସ୍ଥାନ: ଷ୍ଟେଶନ କ୍ଲବ ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ଭଦ୍ରକ,୧୩।୧୦(ସନାତନ ରାଉତ)

ଭଦ୍ରକ ବାଇପାସ୍‌ସ୍ଥିତ ଗୀତାଭବନଠାରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ଜିଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୦୨୨ରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଦେଇ ସଫଳତା ଅର୍ଜନ କରିଥିବା ୨୮ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ଟ୍ରଫି, ଗାୟତ୍ରୀ ମନ୍ତ୍ର ଲିଖନ ଖାତା ଓ ପୁସ୍ତକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୨ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରୀରାମ ଶର୍ମାଆଚାର୍ଯ୍ୟ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଗାୟତ୍ରୀ ସାଧକ ପାଣ୍ଡବ ଯେନା ମୁଖ୍ୟଅତିଥି ଓ ପୂର୍ବତନ ଅଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରମୋଦ କୁମାର ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ଜ୍ଞାନ ସମ୍ପର୍କରେ ଆଲୋକପାତ କରିଥିଲେ। ଭଦ୍ରକ ଜିଲା ଗାୟତ୍ରୀ ପରିବାରର ମୁଖ୍ୟ ସଂଯୋଜକ ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ କୁଶଦେବ ମଲ୍ଲିକ ଅତିଥି ପରିଚୟ ଦେଇଥିଲେ। ଜିଲା ଗାୟତ୍ରୀ ପରିବାରର ମିଡିଆ ସେଲ୍ ସଂଯୋଜକ କେଦାର ନାଥ ମହାପାତ୍ର ଶାନ୍ତି ପାଠ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକ

ପାଟଣା,୧୩।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ଅନ୍ତର୍ଗତ କୋଡ଼ଖମଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଖଇରମଣୀ ମହାନ୍ତ (୫୪)ଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଅକାଳ ବିୟୋଗ ଘଟିଛି। ଗୁରୁବାର ସନ୍ଧ୍ୟାରେ ଗାଁ ଶ୍ମଶାନ୍‌ରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ଏକ ମାତ୍ର ପୁତ୍ର ବୃନ୍ଦାବନ ମହାନ୍ତ ମୁଖାଗ୍ନି ଦେଇଥିଲେ। ସେ ମଧୁମେୟ ରୋଗରେ ପୀଡିତ ଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରୀଛାତ୍ରବତ୍ସଳ ଓ ଅମାୟିକ ଶିକ୍ଷୟିତ୍ରୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେଏବିଇଓ ସଚ୍ଚିଦାନନ୍ଦ ସେଠୀ, ବିଜୟ କୁମାର ଓଝା, ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ପ୍ରମୋଦ ମହାନ୍ତ, ସମ୍ପାଦକ ଜ୍ୟୋର୍ତିମୟ ତ୍ରିପାଠୀ, ନିଖିଳଉତ୍କଳ ଶିକ୍ଷକ ସଂଘ ସଭାପତି ବିଜନ ପରିଡା, ସମ୍ପାଦକ କମଳା କାନ୍ତ ପତି, ଶିକ୍ଷକ ନେତା ବୀର ମୋହନ ଦ୍ୱିବେଦି, ପ୍ରଫୁଲ୍ଲ ଚନ୍ଦ୍ର ନାଏକ ,ଭାବନୀ ଶଙ୍କର ମହାନ୍ତ, ସନ୍ତୋଷ ନାଏକଙ୍କ ସହ କାର୍ଯ୍ୟରତ ଶିକ୍ଷକମାନେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ଦର୍ଶନ ପାଇଁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡରୁ ଆସନ୍ତି ଭକ୍ତ

## ୫୧୫ ବର୍ଷରେ ଲକ୍ଷ୍ମଣନାଥ ଦୁର୍ଗା ପୂଜା

ରାଇବଣିଆ,୧୩।୧୦(ନବୀନ ସାହୁ)

ଚଳିତ ବର୍ଷ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ଅବସ୍ଥିତ ଲକ୍ଷ୍ମଣନାଥ ଗ୍ରାମର ରାୟ ମହାଶୟ ଗଡ଼ରେ ୫୧୬ତମ ସାର୍ବଜନୀନ ଦୁର୍ଗା ପୂଜା ଆୟୋଜିତ ହେବ। ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ଉଦ୍ୟମ କରାଯାଉଛି ବୋଲି ପୂଜା ସମିତିର କୋଷାଧ୍ୟକ୍ଷ କ୍ଷେତ୍ର ମୋହନ ସିହ୍ନା ସୂଚନା ଦେଇଛନ୍ତି।

୭ ଦିନ ଧରି ମେଳା ବସିବ। ପ୍ରତ୍ୟେକବର୍ଷ ଏହି ଦୁର୍ଗା ପୂଜା ଦେଖିବା ପାଇଁ ମହାଷ୍ଟମୀ ଓ ମହାନବମୀ ଦିନ ରାଜ୍ୟ ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରୁ ପ୍ରାୟ ୧୦ ଲକ୍ଷରୁ ଅଧିକ ଭକ୍ତ ଆସିଥାନ୍ତି। ଏ ବର୍ଷ ମହିଳା କନଷ୍ଟେବଲଙ୍କ ସମେତ ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି। ୧୫୦୮ ମସିହାରେ ଜଳେଶ୍ୱର ସହରରେ ତତ୍କାଳୀନ ଜମିଦାର ରାମଚନ୍ଦ୍ର ଘୋଷଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୂଜା ପରେ ଲକ୍ଷ୍ମଣନାଥ ରାୟ ମହାଶୟଗଡ ପରିସରକୁ ସ୍ଥାନାନ୍ତରିତ ହୋଇଥିଲା। ୧୯୫୩ରେ ଦୁର୍ଭିକ୍ଷ ଉପରେ ପଡ଼ିଥିବା ଅନୁଭବ କରି ସେହିବର୍ଷ ପୂଜା କେବଳ ଘଟ ପୂଜା ହୋଇଥିଲା। ୧୯୫୪ରେ ଜମିଦାର ନାରାୟଣ ରାୟ ମହାଶୟ ଲକ୍ଷଣନାଥ ଗଡ଼ରେ ସାର୍ବଜନୀନ ଦୁର୍ଗା ପୂଜା ଆରମ୍ଭ କଲେ। ସେହିଦିନଠାରୁ ଗଡ଼ରେ ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଓ କାଳୀ ପୂଜା ପାଳିତ ହୋଇ ଆସୁଛି। ଏଠାରେ ଦେବୀଙ୍କ ମୂର୍ତ୍ତିର ଉଚ୍ଚତା ୧୯ ଫୁଟ ହୋଇଥାଏ। ଦେବୀଦୁର୍ଗାଙ୍କ ସହ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକ ମଣ୍ଡପରେ ବିଜେ ହୋଇଥାନ୍ତି। କୋଲକାତାର କାରିଗର ତିଆରି କରୁଥିବା ବିଭିନ୍ନ ଅଳଙ୍କାରରେ ପ୍ରତିମାମାନଙ୍କୁ ସଜାଯାଇଥାଏ। ପୂର୍ବରୁ ପଶ୍ଚିମବଙ୍ଗ, ଦାନ୍ତୁନ ଥାନା ପାଣଡୁଣିଆ ଗାଁର ରାଖାଲ ପ୍ରମାଣିକ ଏଠାରେ ମା' ଦୁର୍ଗାଙ୍କ ମୂର୍ତ୍ତି ତିଆରି କରି ଆସୁଥିବା ବେଳେ ତାଙ୍କ



ମୃତ୍ୟୁ ପରେ ପୁଅ ରବି ପ୍ରମାଣିକ(୫୮) ଓ ସହଯୋଗୀ ମୂର୍ତ୍ତି ଗଢୁଛନ୍ତି। ଚଳିତବର୍ଷ ମୂର୍ତ୍ତି ନିର୍ମାଣ ପାଇଁ ୧.୭୫ ଲକ୍ଷ, ଅଳଙ୍କାର ଓ ବସ୍ତ୍ର ବାବଦରେ ୭୫ହଜାର, କାରିଗରଙ୍କ ପାରିଶ୍ରମିକ ବାବଦକୁ ୪୦ହଜାର ଏବଂ ଆବଶ୍ୟକ ଅନ୍ୟାନ୍ୟ ପଦାର୍ଥ ପାଇଁ ୬୦ ଖର୍ଚ୍ଚ ହେବ ବୋଲି ଜଣାଯାଇଛି। ମୁଖ୍ୟ ପୂଜକ ଶ୍ୟାମାଶଙ୍କର ଧର ଓ ଅନ୍ୟ ପୂଜକ ପୂଜା କାର୍ଯ୍ୟ ସମ୍ପନ୍ନ କରନ୍ତି। ଚଳିତବର୍ଷ ଲକ୍ଷ୍ମଣନାଥ ସାର୍ବଜନୀନ ଦୁର୍ଗା ପୂଜା କମିଟିର ସଭାପତି ସୌରେନ ରାୟ ମହାଶୟ, ବରିଷ୍ଠ ଉପସଭାପତି ପ୍ରଫେସର ଶ୍ୟାମାଚରଣ ଦାସ, ଅମରନାଥ ଘୋଷାଲ ଓ ହେମନ୍ତ କୁମାର ସାହୁ, ସମ୍ପାଦକ ପାର୍ଥ ଘୋଷାଲ, ଯୁଗ୍ମ ସମ୍ପାଦକ ଅମଳେନ୍ଦୁ ରାଉତ, କୋଷାଧ୍ୟକ୍ଷ କ୍ଷେତ୍ରମୋହନ ସିହ୍ନା, ସହ କୋଷାଧ୍ୟକ୍ଷ ଦେବାଶିଷ ଚାଟାର୍ଜୀ, ବରିଷ୍ଠ ସଭ୍ୟ ବନବିହାରୀ ଦାସ, ସୁବ୍ରତ କୁମାର ଘୋଷାଲ, ଭାରତେନ୍ଦୁ ଦାସ, ଚନ୍ଦନ ବାନାର୍ଜୀ, ତାପସ ସାସମଲ ଓ ଜିତେନ୍ଦ୍ର ଦାସଙ୍କ ସମେତ ୪୦ ଜଣିଆ କମିଟି ସମସ୍ତ ଆୟୋଜନ କରିବେ। ଚଳିତ ବର୍ଷ ମେଳାରେ ୪ ଶହରୁ ୪୫୦ ଷ୍ଟଲ ପଡ଼ିବ। ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଘରକରଣା ଜିନିଷ, ଲୁଗା, ମନୋହରୀ, ଖେଳନା ଓ ଅଳଙ୍କାର ଦୋକାନ ପଡ଼ିବ। ଜଳେଶ୍ୱର ହାଟ ଛକଠାରୁ ଲକ୍ଷ୍ମଣନାଥ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଅସରାଏ ବର୍ଷା ହେଲେ ଆଣ୍ଠୁଏ ଲେଖାଏଁ ପାଣି ଜମୁଥିବାରୁ ଲୋକେ ବେଶ ହଇରାଣ ହେଉଛନ୍ତି।

## ତୁଡ଼ିଗଡ଼ିଆରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



ତୁଡିଗଡ଼ିଆରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ।

ଖଇରା, ୧୩।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ୫ନଂ. ତୁଡିଗଡିଆ ଜୋନରେ ବୁଧବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, କୋଷାଧ୍ୟକ୍ଷ ଇଂ. ରାଜେଶ ମହାକୁଡ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ମଣ୍ଡଳ ସଭାପତି ମହେଶ୍ୱର ନାଥ, ଯୁବନେତା ଅଣୁମାଧବ ପଣ୍ଡା ଓ ନୀଳମାଧବ ପଣ୍ଡା, ପ୍ରଭାରୀ ନିଳାମ୍ବର ପଣ୍ଡା ତଥା ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ପ୍ରମୁଖ ପ୍ରଥମେ ତୁଡିଗଡିଆ ଶହୀଦ ସ୍ତମ୍ଭ ନିକଟରେ ପହଞ୍ଚି ମାଲ୍ୟାର୍ପଣ କରିବା ସହ ୩ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ଅମୃତବାଟିକା ପାଇଁ ନେତୃବୃନ୍ଦ ଅମୃତକଳସ ଧରି ଏକ ଶୋଭାଯାତ୍ରାରେ ଗଗନଧୂଳୀ, ଡାଲଙ୍ଗ, ଜଳଦା, କୁରୁଣ୍ଟା, ଅଚ୍ୟୁତପୁର, ଶ୍ୟାମସୁନ୍ଦରପୁର, ମାଖନପୁର, ଡଗରପଡା, ନନ୍ଦୁର ଆଦି ପଞ୍ଚାୟତ ପରିକ୍ରମା କରି ମାଟି ସଂଗ୍ରହ କରିଥିଲେ।

## ନାବାଳକ ଭଉଣୀଭାଇଙ୍କୁ ସହାୟତା କଲେ ୨ ସଙ୍ଗଠନ

ବସ୍ତା, ୧୩।୧୦(ହରିଶଙ୍କର ପାଢୀ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ପହଣା ଗ୍ରାମର ରବୀନ୍ଦ୍ର ମୁଖୀଙ୍କ ଅଜଣା ରୋଗରେ ମୃତ୍ୟୁ ପରେ ତାଙ୍କ ପରିବାର ଉପରେ ସତେଯେମିତି ଖସିପଡ଼ିଛି ଦୁଃଖର ପାହାଡ଼। ଘର ଚଳାଇବା ପାଇଁ ଦୁଇ ନାବାଳକ ଭଉଣୀ ଭାଇ ବୁଲି ବୁଲି ଭିକ୍ଷା ମାଗୁଛନ୍ତି। ଭୋକ ଉପାସରେ ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି ଏହି ପରିବାର।

ରବୀନ୍ଦ୍ରଙ୍କ ଜମିବାଡ଼ି କିଛି ନ ଥିବାରୁ ସେ ପରଘରେ ମୂଲ ଲାଗି କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରୁଥିଲେ। ଗତ କିଛି ବର୍ଷ ପୂର୍ବରୁ ତାଙ୍କ ବଡ଼ପୁଅ ରୋଗରେ ପଡ଼ି ଅର୍ଥାଭାବରୁ ଚିକିତ୍ସା ହୋଇ ନ ପାରି ମୃତ୍ୟୁବରଣ କରିଥିଲେ। ଗତ ୭ ଦିନ ପୂର୍ବରୁ ଅଜଣା ରୋଗରେ ପୀଡ଼ିତ ହୋଇ ରବୀନ୍ଦ୍ର ମଧ ଆଖି ବୁଜିଦେଲେ। ଘରେ ଏବେ ଦୁଇ ନାବାଳକ ଭଉଣୀ ଭାଇ, ରବୀନ୍ଦ୍ରଙ୍କ ସ୍ତ୍ରୀ ଏବଂ ବୁଢ଼ୀ ମା'। ଏହି ଖବର ଜାଣିବା ପରେ ଭୁବନେଶ୍ୱର ତ୍ରିଶକ୍ତି



ସଂଗଠନ ପକ୍ଷରୁ ସହାୟତା ଦିଆଯାଉଛି।

ଫାଉଣ୍ଡେଶନ ଓ ଲିଭ୍ ଆଣ୍ଡ ଲେଟ ଲିଭ୍ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ସହାୟତାର ହାତ ବଢାଇଛନ୍ତି। ସଙ୍ଗଠନ ସଦସ୍ୟମାନେ ପହଣା ଗ୍ରାମରେ ପହଞ୍ଚି କିଛି ଆର୍ଥିକ ସାହାଯ୍ୟ କରିବା ସହିତ ରାଶନ ସାମଗ୍ରୀ, ପନିପରିବା ସମେତ ନୂତନ ବସ୍ତ୍ର ଏବଂ ଦୁଇ ନାବାଳକ ଭାଇଭଉଣୀଙ୍କ ପାଇଁ ପାଠ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହାସହ ପ୍ରତ୍ୟେକ ମାସରେ ପାଠ ପଢ଼ିବା ପାଇଁ ଅର୍ଥ ସହାୟତା କରିବେ ବୋଲି ତ୍ରିଶକ୍ତି ଫାଉଣ୍ଡେଶନ ସଭାପତି କହିଛନ୍ତି।

## ପାଲା, ଗୀତ ମାଧ୍ୟମରେ ସାଇବର ସଚେତନତା

ବାସୁଦେବପୁର,୧୩।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁରରେ ଦୁଇଦିନ ଧରି ଚାଲିଥିବା ସାଇବର କ୍ରାଇମ ସଚେତନତା ଉଦ୍‌ଯାପିତ ହୋଇଯାଇଛି। ଅଟଳ ବିହାରୀ ହାଇସ୍କୁଲ ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, ଆଇଆଇସି ଲୋପାମୁଦ୍ରା ନାୟକ, ପୌରନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ କାର୍ଯ୍ୟକ୍ରମରେ ସାମିଲ ହୋଇ ସାଇବର ଅପରାଧକୁ ରୋକିବା ପାଇଁ ସଚେତନ କରିଥିଲେ। ବିଧାୟକ ରାଉତରାୟ ଗୀତ ଗାଇ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଭାବେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସଭାପତି ତଥା ବରିଷ୍ଠ ପାଲାଗାୟକ ସନାତନ ପୁରୀ ସାଇବର ଅପରାଧ ସଚେତନତା ସମ୍ପର୍କରେ ପାଲା ପରିବେଷଣ କରିଥିଲେ। ଚିତ୍ରଶିଳ୍ପୀ ଆଦ୍ୟାଶା ଦାଶ ସୁନ୍ଦର ଚିତ୍ର ଆଙ୍କି ଅତିଥିଙ୍କୁ ବିମୋହିତ କରିଥିଲେ।

## ବିଶ୍ୱ ଅଣ୍ଡା ଦିବସ



ଭଦ୍ରକ,୧୩।୧୦ (ସନାତନ ରାଉତ)

ଅଣ୍ଡା ଏକ ପୁଷ୍ଟିକର ଖାଦ୍ୟ। ଏଥିରେ ସମସ୍ତ ପ୍ରକାର ଖାଦ୍ୟସାର ଭରପୂର ରହିଛି। ପିଲାମାନଙ୍କର ସୁସ୍ଥ ଭବିଷ୍ୟତ ପାଇଁ ଅଣ୍ଡାର ଆବଶ୍ୟକ ରହିଛି। ଏହାକୁ ଅପମିଶ୍ରଣ କରିବା ଅସମ୍ଭବ। ଏ ବିଷୟରେ ସଚେତନତା ସୃଷ୍ଟି ସହ ଏହାର ଉତ୍ପାଦନ ବୃଦ୍ଧି ପାଇଁ ଶୁକ୍ରବାର ଭଦ୍ରକ ଜିଲା ସଂସ୍କୃତି ଭବନରେ ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ଗୁରୁତ୍ୱାରୋପ କରାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷିକେଶ ବେହେରା ସଭାପତିତ୍ୱ କରିଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡା. ଡମ୍ବରୁଧର ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ସହ ସରକାରୀ ଯୋଜନାରେ ନୂତନ ଉଦ୍ୟୋଗୀ ସୃଷ୍ଟି ପାଇଁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଭବାନୀ ପ୍ରସାଦ ମହାପାତ୍ର, ଭାରପ୍ରାପ୍ତ ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ ବେହେରା, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନୀଲ କୁମାର ଭୂୟାଁ ଯୋଗଦେଇ ଅଣ୍ଡାର ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଚନ୍ଦ୍ରଶେଖର ରଥ, ଡା. ସୁଶୀଲ କୁମାର ଧଳ, ଡା. ତରୁଣ ମଲ୍ଲିକ, ଡା. ଗୋପାଳ ଚରଣ ବଳ, ଜିଲା ଉପନିର୍ଦ୍ଦେଶକ ଡା. ଗଙ୍ଗାଧର ରାଉଳ, ଡା. ରାଜେଶ କୁଅଁର, ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ତିହିଡ଼ି, ବାସୁଦେବପୁର ଓ ଭଦ୍ରକ ବ୍ଲକର ୫ଶହ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାର ଅଗ୍ରଣୀ ଅଣ୍ଡାଦିଆ କୁକୁଡ଼ା ଉଦ୍ୟୋଗୀ ତିହିଡ଼ି ବ୍ଲକର ପ୍ରତୀକ ପର୍ମରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବନ୍ତ ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଅନୁଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଭାରପ୍ରାପ୍ତ ନୋଡାଲ ଅଫିସର ଡା. ମନୋଜ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ବିଷ ପିଇ ସ୍ତ୍ରୀ ମୃତ

- ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ
- ଜେଲ ଗଲେ ସ୍ୱାମୀ

ରୂପସା, ୧୩।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ପିଞ୍ଛାବଣିଆ ଗ୍ରାମର ଅଭିଯୁକ୍ତ ସ୍ୱାମୀ ଜଳେନ୍ଦ୍ର ସେନାପତିଙ୍କୁ ସ୍ତ୍ରୀ ହତ୍ୟା ଅଭିଯୋଗରେ ପୋଲିସ ଗୁରୁବାର ଗିରଫ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୯୪/୨୩) ରୁଜୁ ହୋଇ ଗିରଫ ସ୍ୱାମୀଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।

ଅଭିଯୋଗ ମୁତାବକ ଏହି ଗ୍ରାମର ଶତ୍ରୁଘ୍ନ ସେନାପତିଙ୍କ ପୁଅ ଜଳେନ୍ଦ୍ର ୧୩ ବର୍ଷ ପୂର୍ବରୁ ସଦର ଥାନା କଉଡ଼ିପୁର ଗ୍ରାମର କୃପାସିନ୍ଧୁ ବାରିକଙ୍କ ଝିଅ ମମତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ କନ୍ୟା ଘର ପକ୍ଷରୁ ନଗଦ ୫୦ ହଜାର ଟଙ୍କା ସହିତ ସୁନା, ରୁପା ଅଳଙ୍କାର ଓ ସମସ୍ତ ଆସବାବପତ୍ର ଦିଆଯାଇଥିଲା। ମାତ୍ର ବିବାହର ୨ ବର୍ଷ ପରେ ଅଧିକ ଟଙ୍କା ଯୌତୁକ ପାଇଁ ମମତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ନିର୍ଯାତନା ସହି ନ ପାରି ମମତା ଗତ ୪ ତାରିଖରେ ବିଷପିଇ ଦେଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୭ ଦିନ ମୃତ୍ୟୁ ସହିତ ସଂଗ୍ରାମ କରିବା ପରେ ଗତ ୧୦ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ବାପା କୃପାସିନ୍ଧୁ ତାଙ୍କ ଝିଅକୁ ଶାଶୁଘର ଲୋକେ ବିଷ ଦେଇ ମାରିଦେଇଥିବା ରୂପସା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି ଗୁରୁବାର ଚଢାଉ କରି ଜଳେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

## ବାଇକ ଦୁର୍ଘଟଣାରେ ୨ ଗୁରୁତର

ଯୋଡା, ୧୩।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ୫୨୦ନଂ. ଜାତୀୟ ରାଜପଥର ଲହଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଏକ ସଡକ ଦୁର୍ଘଟଣା ଘଟିଛି । ୨ଟି ବାଇକରେ ୪ଜଣ ବିଲେଇପଦାରୁ ଯୋଡା ଅଭିମୁଖେ ଯାଉଥିବା ବେଳେ ଧକ୍କା ହୋଇଥିଲା । ଫଳରେ ପ୍ରମୋଦ ବାରିକ, ଜଟାଧାରୀ ଖୁଣ୍ଟିଆ, ରାଜା ସିଂ ଖୁଣ୍ଟିଆ, ସୁନାରାମ ପୂର୍ତ୍ତି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର ୨ଜଣଙ୍କୁ ଯୋଡା ଟାଟାଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଆହତ ୨ଜଣଙ୍କୁ କମାରଯୋଡାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି।

## ବିଡିଓଙ୍କୁ ଘେରିଲେ ଲୋକେ

### ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରକଳ୍ପକୁ ନେଇ ବିବାଦ

ବାଙ୍ଗିରିପୋଷି,୧୩।୧୦
(ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷି ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରକଳ୍ପ ଦିଗହରା ହୋଇ ପଡ଼ିଥିବା ଲୋକେ ଅଭିଯୋଗ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲାର ୨୬ଟି ବ୍ଲକ ମଧ୍ୟରୁ ବାଙ୍ଗିରିପୋଷି ବ୍ଲକ ଶେଷରେ ଥିବା ଜଣାପଡିଛି। ଏଥିପାଇଁ ବର୍ତ୍ତମାନ କାର୍ଯ୍ୟରତ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ଅଞ୍ଚଳବାସୀ ଦାୟୀ କରିଛନ୍ତି। ବ୍ଲକ ଅଧୀନରେ ୧୯ ପଞ୍ଚାୟତ ରହିଥିବା ବେଳେ ୧୮ଟି ପଞ୍ଚାୟତର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରକଳ୍ପ ମଞ୍ଜୁରି ପାଇଁ ଜିଲାପାଳଙ୍କ ନିକଟକୁ ପଠାଯାଇଛି। ତେବେ ଧୋବଣିଶୋଳ ପଞ୍ଚାୟତ ଏଥିରୁ ବାଦ୍ ପଡ଼ିଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ସରପଞ୍ଚଙ୍କ ସହ ଶତାଧିକ ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଘେରାଉ କରିଥିଲେ। ବିଡିଓ ମଲ୍ଲିକ ସନ୍ତୋଷ ଜନକ ଉତ୍ତର ନ ଦେଇ ପାରି ଶେଷରେ ସ୍ଥାନୀୟ ପୋଲିସର ସହାୟତା ଲୋଡ଼ିଥିଲେ। ପୋଲିସ ଉପସ୍ଥିତିରେ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଯଥାଶିଘ୍ର ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରକଳ୍ପ ମଞ୍ଜୁର ପାଇଁ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ଲୋକେ ବିଡିଓଙ୍କୁ ଘେରାଉ କରିଛନ୍ତି।

## ଚୋରା ସ୍କ୍ରାପ୍ ବୋଝେଇ ମିନି ଟ୍ରକ୍ ଜବତ, ୪ ଗିରଫ

ଯୋଡ଼ା,୧୩।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାରେ ବେଆଇନ ଭାବେ ଚାଲୁଥିବା ୨ଟି ସ୍କ୍ରାପ୍ ଗୋଦାମ ଉପରେ ଯୋଡ଼ା ପୋଲିସ ଚଢ଼ାଉ କରି ୨ ସ୍କ୍ରାପ୍ ବ୍ୟବସାୟୀଙ୍କ ସହିତ ଚୋରା କାରବାରରେ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଛି। ଏହାସହିତ ସ୍କ୍ରାପ୍ ବୋଝେଇ ଏକ ମିନି ଟ୍ରକ୍, ଗ୍ୟାସ କଟର ଦ୍ୱାରା କଟାଯାଇଥିବା ବିଭିନ୍ନ ଯନ୍ତ୍ରାଂଶ ଓ ଚୋରା ହ୍ୟୁଣ୍ଡାଇ କାର୍‌କୁ ପୋଲିସ ଜବତ କରିଛି। ଗିରଫ ସ୍କ୍ରାପ୍‌ବ୍ୟବସାୟୀ ଦ୍ୱୟ ହେଲେ



କମାରଯୋଡ଼ା ଅଞ୍ଚଳର ପଵନ ଜୟସ୍ୱାଲ ଓ ଆଜାଦ ବସ୍ତିର ସୁବାସ ଜୟସ୍ୱାଲ। ଏମାନେ ଦୀର୍ଘ ଦିନ ଧରି ସ୍ଥାନୀୟ ଅଞ୍ଚଳର ଚୋରଙ୍କଠାରୁ କମ୍ ମୂଲ୍ୟ ଦେଇ ବିଭିନ୍ନ ଚୋରା ଜିନିଷ କିଣି ବାହାର ରାଜ୍ୟକୁ ଚୋରା ଚାଲାଣ କରୁଥିଲେ। ସ୍କ୍ରାପ୍‌ବ୍ୟବସାୟୀ ପଵନ ଜୟସ୍ୱାଲଙ୍କ କମାରଯୋଡ଼ାଠାରେ ଥିବା ସ୍କ୍ରାପ ଗୋଦାମରେ ଏକ ଚୋରା ହ୍ୟୁଣ୍ଡାଇ କାର୍ ଓ ଏକ ଜିପ୍‌କୁ ଗ୍ୟାସ କଟରରେ କାଟି ଖଣ୍ଡ ଖଣ୍ଡ କରି ରଖାଯାଇଥିଲା। ସେଗୁଡିକୁ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରାଯିବା ପୂର୍ବରୁ ପୋଲିସ ଚଢ଼ାଉକରି ଜବତ କରିବାରେ ସକ୍ଷମ ହୋଇଛି। ଜବତ ଟ୍ରକ୍‌ର ନମ୍ବର ଝାଡ଼ଖଣ୍ଡ ରାଜ୍ୟର ରହିଥିଲାବେଳେ, ଗିରଫ ଟ୍ରକ୍ ଡ୍ରାଇଭର ଉତ୍ତମ ରଜାକ ଓ ହେଲପର ସୌରଭ କୁମାର ବେହେଲିଆ ପଶ୍ଚିମବଙ୍ଗର ବୋଲି ପୋଲିସ ସୂଚନା ଦେଇଛି। ସୁବାସ ଜୟସ୍ୱାଲଙ୍କ ଯୋଡ଼ା ବସ୍ତି ନିକଟରେ ଥିବା କବାଡ଼ିଖାନାରୁ ମଧ ବିଭିନ୍ନ ଚୋରା ସ୍କ୍ରାପ୍ ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ, ଏହି ବ୍ୟବସାୟୀମାନେ ଯୋଡ଼ାରେ ସିମେଣ୍ଟ ଦୋକାନ କରିବା ଆଳରେ ଦୀର୍ଘ ଦିନରୁ ଏହିପରି ଚୋରାସ୍କ୍ରାପ କାରବାର କରି ଆସୁଥିଲେ। ଯୋଡା ପୋଲିସ ଏ ନେଇ ଦୁଇଟି ପୃଥକ ମାମଲା(ନଂ. ୨୯୩/୨୩ ଓ ୨୯୪/୨୩ ) ରୁଜୁ କରି ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

## 'ସଙ୍ଗୀତରେ କାରୁଣ୍ୟର ଅନୁଭବ ଦେଇଥିଲେ କାନ୍ତକବି'




ପାଠଚକ୍ରରେ ଉପସ୍ଥିତ ଅତିଥିମାନେ।

### ବିଏନ୍‌ଏମ୍‌ଏ କଲେଜରେ ସ୍ୱାଗତ ଉତ୍ସବ ଓ ପାଠଚକ୍ର

ତିହିଡ଼ି,୧୩।୧୦(ସଞ୍ଜିତ ବଳ)

କାନ୍ତକବି ଜୀବନରେ ଅନନ୍ୟ ଅନୁଭୂତି ଲାଭ କରିଥିଲେ, ଯାହାକୁ ପାଥେୟ କରି ସେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ। ବିଶେଷ କରି ସଙ୍ଗୀତରେ ସେ ଯେଉଁ କାରୁଣ୍ୟର ଅନୁଭବ ଦେଇଛନ୍ତି ତାହା ଅବିସ୍ମରଣୀୟ ବୋଲି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବାର୍ଜ୍ଜୁନ କଲେଜ(ବିଏନ୍‌ଏମ୍‌ଏ)ର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ସ୍ୱାଗତ ଉତ୍ସବ ଓ ପାଠଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। କଲେଜର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଠଚକ୍ରକୁ ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅଭୟ କୁମାର ଦାସ ଓ ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ଦୀପ୍ତିମଞ୍ଜରୀ ସେଠୀ ଯୋଗ ଦେଇଥିଲେ। 'ଓଡ଼ିଆ ସାହିତ୍ୟକୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅବଦାନ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ କାନ୍ତକବିଙ୍କ ଜୀବନ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ବିଷ୍ଣୁପ୍ରିୟା ସାହୁ, ସାଇସ୍ମିତା ବିଶ୍ୱାଳ, ସିଦ୍ଧାନ୍ତ ପାତ୍ର ପ୍ରମୁଖ ଛାତ୍ରୀଛାତ୍ର ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ବନଜାବାସିନୀ ବାରିକ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଗାୟତ୍ରୀ ବେହେରା ଧନ୍ୟବାଦ ଦେଇଥିଲେ। ବେଦପାଠ କରିଥିଲେ ବଦ୍ରିନାରାୟଣ ପତି। ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ମୁଗୁନି ପଥର ଚାଲାଣ, ୩ ଗିରଫ

ଚମ୍ପୁଆ, ୧୩।୧୦(ମହେଶ୍ୱର ଦାସ): ଚମ୍ପୁଆ ଥାନା ଅଧୀନ ଗୁଣ୍ଡୁଣିଆଠାରେ ମୁଗୁନି ପଥର ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି ପଥର ବୋଝେଇ ଏକ ପିକ୍ଅପ୍ ଭ୍ୟାନ୍ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗୁଣ୍ଡୁଣିଆଠାରେ କେନାଲ ଖୋଳା ଯାଉଥିବା ବେଳେ ମାଟି ତଳୁ ମୁଗୁନି ପଥର ବାହାରୁଛି। ଗୁରୁବାର ଉକ୍ତ ମୁଗୁନି ପଥରକୁ ଏକ ପିକ୍ଅପ୍ ଭ୍ୟାନ୍ ଯୋଗେ ଚାଲାଣ କରାଯାଉଥିବା ବେଳେ ଗ୍ରାମବାସୀଙ୍କଠାରୁ ଖବର ପାଇ ଚମ୍ପୁଆ ପୋଲିସ ପହଞ୍ଚିଥିଲା। ଚଢ଼ାଉ ବେଳେ ସୁକୁମାର କର, ବିକାଶ ଦାସ ଏବଂ ରାଜେନ୍ଦ୍ରପ୍ରସାଦ ସିଂଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୬୩/୨୩) ରୁଜୁ ହୋଇଛି। ପଥର କେଉଁଆଡ଼େ ଯାଉଥିଲା ଏବଂ କିଏ ନେଉଥିଲା ତାହାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ତ୍ରିନାଥ ସେଠୀ କହିଛନ୍ତି।

### ସମୟର ସୁବିନିଯୋଗ ପାଇଁ ସ୍କୁଟର ଯୋଜନା

ଭଦ୍ରକ, ୧୩।୧୦(ସନାତନ ରାଉତ): ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସରେ ସ୍କୁଟର ଯୋଜନାର ଶୁଭାରମ୍ଭ ପରେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଶନଶକ୍ତି ସ୍କୁଟି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ବରେଣ୍ୟ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ କୁମାର ମଲ୍ଲିକ, ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଲିଡ୍ ବ୍ୟାଙ୍କ ମ୍ୟାନେଜର ନାଗେଶ୍ୱର ରାଓ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା, ଦକ୍ଷତା ବଢ଼ାଇବା, ସମୟର ସୁବିନିଯୋଗ କରିବା ପାଇଁ ସ୍କୁଟି ଉପଯୋଗୀ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଜିଲାର ୨୯୯ ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସ୍କୁଟର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ସୂଚନାଯୋଗ୍ୟ, ମିଶନ ଶକ୍ତି ସ୍କୁଟର ଯୋଜନାରେ ଅଦ୍ୟାବଧି ଜିଲାରେ ସମୁଦାୟ ୧୮୫୫ ଦରଖାସ୍ତ ମିଳିଥିବା ବେଳେ ୧୮୪୯ ଦରଖାସ୍ତ ୧୨ଟି ବ୍ୟାଙ୍କକୁ ପ୍ରଦାନ କରାଯାଇଛି। ୫୬୮ ଦରଖାସ୍ତକାରୀଙ୍କ ପାଇଁ ଋଣ ମଞ୍ଜୁରି ସରିଛି ଏବଂ ୨୯୯ ଜଣ ଆବେଦନକାରୀଙ୍କୁ ସ୍କୁଟର ପ୍ରଦାନ କରାଯାଇଛି। ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଜରିଆରେ ସ୍କୁଟି ଯୋଗାଇ ଦିଆଯାଉଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ମୟୂରଭଞ୍ଜ ମହୋତ୍ସବ ନେଇ ପ୍ରସ୍ତୁତି

ଉଦଳା, ୧୩।୧୦(ସନ୍ତୋଷ କୁମାର ବାଛିନୀ)

ଆସନ୍ତା ନଭେମ୍ବର ୧ ରୁ ୧୧ ତାରିଖ ପର୍ଯ୍ୟନ୍ତ ବାରିପଦାଠାରେ ଅନୁଷ୍ଠିତ ହେବ ମୟୂରଭଞ୍ଜ ମହୋତ୍ସବ। ଏନେଇ ଶୁକ୍ରବାର ଉଦଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମହୋତ୍ସବରେ ସବୁ ବର୍ଷ ପରି ଚଳିତ ବର୍ଷ କିପରି ଉଦଳା, କପ୍ତିପଦା, ଜିବିନଗର, ଖୁଣ୍ଟା ଏବଂ ଉଦଳା ଏନଏସିରୁ ଅଧିକରୁ ଅଧିକ ସଦସ୍ୟତା ଗ୍ରହଣ, ସାଂସ୍କୃତିକ ଦଳ ମହୋତ୍ସବରେ ଅଂଶ ଗ୍ରହଣ କରିପାରିବେ ସେଥିନେଇ ଆଲୋଚନା କରାଯାଇଥିଲା। ୧୧ ଦିନ ଧରି ଜିଲାରେ ଆୟୋଜିତ ହେବାକୁ ଥିବା ମହୋତ୍ସବର ପ୍ରଥମ ଦିବସ କାର୍ଣ୍ଣିଭାଲ ଏବଂ ୫ ତାରିଖରେ କପ୍ତିପଦା ଉପଖଣ୍ଡର ସାଂସ୍କୃତିକ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଉପଖଣ୍ଡ କମିଟିର ସଭାପତି ସବିତା ହାଁସଦାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକସ୍ତରରେ ବୈଠକ ଆୟୋଜନ କରାଯାଇ ସାଂସ୍କୃତିକ ଦଳ ଚୟନ ଏବଂ ସଦସ୍ୟତା ଗ୍ରହଣ ଉପରେ ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଜିଲା ମହୋତ୍ସବ କମିଟିର ଚେୟାରମ୍ୟାନ ସିନେ ତାରକା ଅସିତ ପତି, ବରିଷ୍ଠ ସଦସ୍ୟ ରାକେଶ ସିଂ, ସଞ୍ଜୀବ ଦ୍ୱିବେଦୀ, ତାପସ ପାଢ଼ୀ ଯୋଗ ଦେଇଥିବା ବେଳେ ଉପଖଣ୍ଡ ସଭାପତି ହାଁସଦା, ଏନ୍‌ଏସି ଅଧ୍ୟକ୍ଷ ପ୍ରମିଳା ପଣ୍ଡା, ଉପାଧ୍ୟକ୍ଷ ଲିଲି ଭୋଳ, ଆଇନଜୀବୀ ବସନ୍ତ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମହୋତ୍ସବ କମିଟିର ସଂଯୋଜକ ରବିନ ମହାନ୍ତି, ପ୍ରବୀର ସାଏ, ସୀମାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁଶୁଡ଼ିଲା ପଞ୍ଚଲିଙ୍ଗେଶ୍ୱର ପୀଠ ପାହାଚ

ନୀଳଗିରି, ୧୩।୧୦(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି ପର୍ଯ୍ୟଟକ। ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କୁ ସଂଯୋଗ କରୁଥିବା ପାହାଚ ଭୁଶୁଡ଼ି ପଡିବାରୁ କିଛି ସମୟ ପାଇଁ ଭକ୍ତମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଗୋଟିଏ ପଟେ ରାସ୍ତା ସିଲ୍ କରିବା ସହିତ ଅନ୍ୟ ପଟେ ପାହାଚରେ ଭକ୍ତଙ୍କ ଯିବାଆସିବା ସୁବିଧା କରାଯାଇଥିଲା। ଖୁବଶୀଘ୍ର ମରାମତି ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉଦ୍ୟମ ଜାରି ରହିଛି।



ଭୁଶୁଡିପଡିଥିବା ପାହାଚର ମରାମତି କରାଯାଉଛି।

ପଞ୍ଚଲିଙ୍ଗେଶ୍ୱର ଦେବଗିରି ପର୍ବତମାଳାରେ ଏକ ଚିରସ୍ରୋତା ଝରଣାର ରହିଛି। ପଥରଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ୫ ଟି ଲିଙ୍ଗଙ୍କୁ ଭକ୍ତ ପୂଜାର୍ଚ୍ଚନା ଓ ଦର୍ଶନ କରିବା ପାଇଁ ଏହି ଝରଣା ଉପରେ ରହିଥିବା ପାହାଚକୁ ଅତିକ୍ରମ କରି ଯାଇଥାନ୍ତି। ପାହାଚର ତଳ ଭାଗରେ ଝରଣା ଜଳରେ ମାଟି ଧସିଯିବା କାରଣରୁ ଭୁଶୁଡ଼ି ଯାଇଥିବା ଅନୁମାନ କରାଯାଇଛି। ତେଣୁ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଗୋଟେ ପଟେ ରାସ୍ତାକୁ ସିଲ୍ କରାଯାଇଛି। ଖୁବଶୀଘ୍ର ଟ୍ରଷ୍ଟ ପକ୍ଷରୁ ପାହାଚକୁ ମରାମତି କରାଯାଇ ଭକ୍ତଙ୍କ ପାଇଁ ରାସ୍ତା ଛଡ଼ାଯିବ ବୋଲି ଜଣାପଡ଼ିଛି।

# ସାମିଲ ହେଲେ ୨୫୯ ଛାତ୍ରୀଛାତ୍ର, ୧୨ ନୂଆ ଆଇଡ଼ିଆ ସଂଗ୍ରହ



ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ବାଲେଶ୍ୱର, ୧୩।୧୦ (ମାନସ ବିଶ୍ୱାଳ)

**ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଏକ୍ସପ୍ରେସ-୨୦୨୩**

ବାଲେଶ୍ୱର ଜିଲାସ୍ତରରେ ଷ୍ଟାର୍ଟଅପ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଲାଗି ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଏକ୍ସପ୍ରେସ-୨୦୨୩ଶୁକ୍ରବାର କେକେଏସ୍ ମହିଳା ମହାବିଦ୍ୟାଳୟ ଏବଂ ମଣିଭଦ୍ର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛି। ଏହି ଅବସରରେ ଷ୍ଟାର୍ଟଅପ ଯାତ୍ରା ସମୁଦାୟ ୧୨ଟି ନୂଆ ଆଇଡ଼ିଆ ସଂଗ୍ରହ କରିଥିବା ବେଳେ ସମୁଦାୟ ୨୫୯ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ । ପୂର୍ବ ସଂସ୍କରଣର ଉଲ୍ଲେଖନୀୟ ସଫଳତା ପରେ ଚଳିତବର୍ଷ ଏହି ଷ୍ଟାର୍ଟଅପ ଯାତ୍ରା ୨୦୦ରୁ ଅଧିକ କଲେଜ ଏବଂ ୬୦ରୁ ଅଧିକ ବିଦ୍ୟାଳୟ ପରିଦର୍ଶନ କରି ଏହି ପ୍ରୟାସକୁ ଆହୁରି ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଯଦ୍ୱାରା ୨୫,୦୦୦ରୁ ଅଧିକ ଛାତ୍ରୀଛାତ୍ର ପ୍ରଭାବିତ ହେବେ। ଉଦ୍ଭାବନ ଏବଂ ଉଦ୍ୟୋଗ କ୍ଷେତ୍ରରେ ତୃଣମୂଳ ସ୍ତରରେ ଯୁବ ମସ୍ତିଷ୍କମାନଙ୍କୁ ସଶକ୍ତ ଏବଂ ମାର୍ଗଦର୍ଶନ ପ୍ରଦାନ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ଏହି ପଦକ୍ଷେପଗୁଡ଼ିକ ଷ୍ଟାର୍ଟଅପ ଇକୋସିଷ୍ଟମ ମଧ୍ୟରେ ପର୍ଯ୍ୟାପ୍ତ ସୁଯୋଗର ଉପଯୋଗ କରିବା ପାଇଁ ସେମାନଙ୍କୁ ସଶକ୍ତ କରିବା ଲାଗି ପ୍ରୟାସ କରୁଛି।

## ହାଟଡିହୀ ବିଡିଓ ଡେଙ୍ଗୁ ଆକ୍ରାନ୍ତ

ହାଟଡିହୀ, ୧୩।୧୦(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଡେଙ୍ଗୁ ଆକ୍ରାନ୍ତ ହୋଇଛନ୍ତି। ଗତ ବୁଧବାର ଅସୁସ୍ଥ ଅନୁଭବ କରିବାରୁ ସେ ବ୍ଲକ କାର୍ଯ୍ୟାଳୟରୁ ଘରକୁ ପଳାଇଥିଲେ। ଚିକିତ୍ସା ପାଇଁ ମେଡିକାଲ ଯାଇଥିଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଡେଙ୍ଗୁ ସହ ସେ ଟାଇଫଏଡରେ ଆକ୍ରାନ୍ତ ଥିବା ଜଣାପଡିଛି। ଏବେ ସେ ଛୁଟିରେ ରହି ଚିକିତ୍ସିତ ହେଉଛନ୍ତି। ବିଡିଓ ପାଣିଗ୍ରାହୀ କହିଛନ୍ତି, ଘରେ ରହି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଉଛି। ସୂଚନାଯୋଗ୍ୟ, ଚଳିତ ମାସ ଗତ ୩ ତାରିଖରେ ସେ ନୂତନ ବିଡିଓ ଭାବେ ହାଟଡିହୀ ବ୍ଲକରେ ଯୋଗଦାନ କରିଥିଲେ।

## ବାସିଖାଦ୍ୟ ପରଷୁଛନ୍ତି ଦୋକାନୀ

### ପୌରପାଳିକା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ ଦାବି

ଯୋଡ଼ା, ୧୩।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା କେତେକ ହୋଟେଲ, ଜଳଖିଆ ଦୋକାନ, ରେଷ୍ଟୁରାଣ୍ଟରେ ବାସି ଓ ଦୂଷିତ ଖାଦ୍ୟ ଗ୍ରାହକମାନଙ୍କୁ ପରଷା ଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ଖାଦ୍ୟ ଖାଇ ଲୋକେ ରୋଗଗ୍ରସ୍ତ ହେଉଥିବା ବେଳେ ଏନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାହକ କଳ୍ପତରୁ ସେଠୀ, ବିଭୀଷଣ ଗିରି, ଚତୁର୍ଭୁଜ ନାଏକ ପ୍ରମୁଖ କହିଛନ୍ତି, ଯୋଡ଼ା ସହରସ୍ଥିତ ଯୋଡ଼ା ଏନ୍‌ଏସି ଗେଟ୍ ଛକ, ଷ୍ଟେଟ୍ ବ୍ୟାଙ୍କ ଛକ, ପୁରୁଣା ଥାନା ସମ୍ମୁଖ, ସୁପର ମାର୍କେଟ ନିକଟ ମହାବୀର ଛକ, ବସ୍ ଷ୍ଟାଣ୍ଡ ପ୍ରଭୃତି ସ୍ଥାନରେ ଥିବା ଜଳଖିଆ ଦୋକାନ, ଫାଷ୍ଟ ଫୁଡ୍ ଦୋକାନଗୁଡ଼ିକରେ ବାସିଖାଦ୍ୟ ସହିତ ଅପମିଶ୍ରିତ ତେଲ ବିଭିନ୍ନ ରସାୟନିକ ରଙ୍ଗ, ବାସି ଆମିଷ ଦ୍ରବ୍ୟଙ୍କୁ ତଟକା ଖାଦ୍ୟ କହି ପରଷି ଦିଆଯାଉଛି। ଏଥିସହ ଜଣେ ବସ୍‌ଯାତ୍ରୀ କହିଛନ୍ତି, ଯୋଡ଼ା ସହର ତଥା ଆଖପାଖ ଅଞ୍ଚଳର ଚା' ଦୋକାନରେ ମଧ ନକଲି ଚା' ପତି ବ୍ୟବହାର କରାଯାଉଛି। ବାସି ଖାଦ୍ୟ ଓ ଅପମିଶ୍ରିତ ଖାଦ୍ୟ ଖାଇ ଲୋକେ ରୋଗଗ୍ରସ୍ତ ହେଉଛନ୍ତି। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ବିଭାଗ ଓ ପୌର ପାଳିକା ପକ୍ଷରୁ ଚଢ଼ାଉ କରାଯାଉଛି। ଏହାକୁ ନିୟମିତ କରିବା ପାଇଁ ଯୋଡ଼ା ଜନସାଧାରଣ ଦାବି କରିଛନ୍ତି।

# ଆନ୍ତଃରାଜ୍ୟ ଚନ୍ଦ୍ରଶେଖର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ଚମ୍ପୁଆ, ୧୩।୧୦(ମହେଶ୍ୱର ଦାସ)

ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଆନ୍ତଃରାଜ୍ୟ ତୃତୀୟ ଚନ୍ଦ୍ରଶେଖର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ ଓ ବିଷ୍ଣୁ ଚରଣ ପାଣି ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ମଣିଙ୍ଗ ଫୁଟବଲ କ୍ଲବ ପକ୍ଷରୁ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ଏଥିରେ ୩୨ଟି ଦଳ ଭାଗନେଇଥିବା ସଭାପତି ଅଭୟ କୁମାର ଦାସ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ୧୪ଟି ଦଳକୁ ନେଇ ଖେଳ ଆରମ୍ଭ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଚାମ୍ପିୟନ ଦଳକୁ ୧ ଲକ୍ଷ ୬୦ ହଜାର, ରନର୍ସଅପ ଦଳକୁ ୧ଲକ୍ଷ ୧୦ ହଜାର ଓ ତୃତୀୟ, ଚତୁର୍ଥ ଦଳକୁ ୬୫ ହଜାର ଓ ୫୦ ହଜାର ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

# 'ନୂତନ ସାମାଜିକ ଆନ୍ଦୋଳନ ଏବଂ ଭାରତୀୟ ଦୃଷ୍ଟିକୋଣ' ଆଲୋଚନାଚକ୍ର

ରୂପସା, ୧୩।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟର ରାଜନୀତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର 'ନୂତନ ସାମାଜିକ ଆନ୍ଦୋଳନ ଏବଂ ଭାରତୀୟ ଦୃଷ୍ଟି କୋଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଅଧକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ସମାଜ ଓ ସାମାଜିକ ଆନ୍ଦୋଳନର ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ମହେଶ୍ୱର ମହାପାତ୍ର ଯୋଗଦେଇ ଭାରତରେ ନୂତନ ସାମାଜିକ ଆନ୍ଦୋଳନର ବିଭିନ୍ନ କାରଣ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ନୀଳମଣି




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ମହାବିଦ୍ୟାଳୟର ଇତିହାସ ବିଭାଗର ଅଧକ୍ଷପିକା ଡ.ଆରୁଣୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତର ସାମାଜିକ ଆନ୍ଦୋଳନର ଐତିହାସିକ ପୃଷ୍ଠଭୂମି ଉପରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଭାଗର ବିଭାଗୀୟ ମୁଖ୍ୟ ଡ. ତପନ କୁମାର ଦାସ ସାମାଜିକ ଆନ୍ଦୋଳନ, ଏହାର ପ୍ରକାରଭେଦ, ଉପାଦାନ ଓ ତତ୍ତ୍ୱ କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଅଙ୍କିତା ଜେନା, ମୋନାଲିସା ମହାନ୍ତି, ଦେବସ୍ମିତା ମହାନ୍ତି, କାବେରୀ ପରିଡ଼ା, ପୁରାତନ ଛାତ୍ରୀ ସଂଗୀତା ବେହେରା ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଅନ୍ନପୂର୍ଣ୍ଣା ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚାଚକ୍ରରେ ରାଜନୀତି ବିଭାଗର ସମସ୍ତ ଅଧ୍ୟୟନରତ ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ପ୍ରାଚୀ




@ଟିକନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ନଭେମ୍ବର ୧୮ ଯାଏ ମେଳା, ୧୯ରେ ଭସାଣି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଦ୍ରକ, ୧୩।୧୦ (ସନାତନ ରାଉତ)

**ଭଦ୍ରକ କାଳୀପୂଜା**

ପ୍ରସିଦ୍ଧ ଭଦ୍ରକ କାଳୀପୂଜା ନେଇ ଜିଲା ପ୍ରଶାସନ ଆନୁକୂଲ୍ୟରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଶାସନ ପକ୍ଷରୁ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ନଭେମ୍ବର ୧୮ ରାତି ପର୍ଯ୍ୟନ୍ତ ମେଳା ଓ ୧୯ ତାରିଖ ସକାଳ ୯ଟା ସୁଦ୍ଧା ଭସାଣି ଶେଷ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଉପସ୍ଥିତ ପୂଜା କମିଟିର ସଦସ୍ୟମାନେ ମେଳା ପାଇଁ ଦିନେ ଅଧିକ ସମୟ ଇଚ୍ଛା ପ୍ରକାଶ କରିଥିଲେ। ପୋଲିସ ମୁତୟନ ଓ ଶାନ୍ତିଶୃଙ୍ଖଳା ରକ୍ଷା କାର୍ଯ୍ୟ ନେଇ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ଦିନ ମଧ୍ୟରେ ମେଳା ସାରିବାକୁ ସହଯୋଗ କରିବା ପାଇଁ କମିଟି ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଥିଲା। ଏହି ପ୍ରସ୍ତାବକୁ ସମସ୍ତେ ଗ୍ରହଣ କରିଥିଲେ।

# ଆଇପିଏସ୍ ରାକେଶଙ୍କୁ ଭେଟିଲେ ବିଧାୟକ



ଆଇପିଏସ୍ ରାକେଶ ସାହୁଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି ବିଧାୟକ ସୂର୍ଯ୍ୟବଂଶୀ ସୂରଜ।

ଧାମନଗର, ୧୩।୧୦ (ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ଆନନ୍ଦପୁର ପଞ୍ଚାୟତ ମାନଲାପୁର ଗ୍ରାମର ଆଇପିଏସ୍ ରାକେଶ କୁମାର ସାହୁ (୩୦)ଙ୍କୁ ତାଙ୍କ ବାସଭବନରେ ଭେଟି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ବିଧାୟକ ରାକେଶଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ କର୍ମମୟ ଜୀବନରେ ଯଶସ୍ୱୀ ହେବା ପାଇଁ ଆଶାପ୍ରକଟ କରିଥିଲେ। ଉକ୍ତ ଗ୍ରାମର ସେବାନିବୃତ୍ତ ସେନା ଅଧିକାରୀ ଭୀମସେନ ସାହୁଙ୍କ ପୁଅ ରାକେଶ ୨୦୧୮ରେ ଆଇଆର୍‌ଟିସି ପାଇ ଖଡଗପୁରରେ ଏସିଏମ୍ ଭାବେ କାର୍ଯ୍ୟ କରୁଥିଲେ। ୨୦୨୨ରେ ଆଇପିଏସ୍ ପାଇ ଉତ୍ତରାଖଣ୍ଡର ନୁସୁରୀଠାରେ ବେସିକ୍ ଫାଉଣ୍ଡେଶନ କୋର୍ସ କରି ଫେରିଛନ୍ତି। ଆସନ୍ତା ନଭେମ୍ବରରୁ ଦୁଇବର୍ଷ ପାଇଁ ହାଇଦ୍ରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଲିସ ଏକାଡେମୀକୁ ଟ୍ରେନିଂ ପାଇଁ ଯିବେ। ବିଧାୟକଙ୍କ ସମେତ ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋଜ ମଲିକ, ଅରବିନ୍ଦ ପତି, ରମେଶ ଚନ୍ଦ୍ର ପତି, ପୂର୍ବତନ ସରପଞ୍ଚ ବିଜୟ ଦାସ, ବୁଦ୍ଧଦେବ ଜେନା, କୁଳମଣି ଶତପଥୀ, ଭଗବାନ ଦାସ ପ୍ରମୁଖ ତାଙ୍କୁ ଭେଟିଥିଲେ। ସେହିପରି ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ରାକେଶଙ୍କୁ ଡାକି ଗୁରୁବାର ଭଦ୍ରକସ୍ଥିତ ତାଙ୍କ ବାସଭବନରେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

